୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.257 Bhubaneswar Sunday November 24 2024 | ୨୬ତମ ବର୍ଷ ସଂଖ୍ୟା-୨୫୭ ଭୁବନେଶ୍ୱର, ରବିବାର, ନଭେମ୍ବର ୨୪, ୨୦୨୪ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

## ରାଷ୍ଟ୍ରୀୟ ପତ୍ରକାର ମହାସଂଘ ଦ୍ୱାରା ଜାତୀୟ ପ୍ରେସ ଦିବସ ପାଳିତ ଓ ଯନ୍ତର ମନ୍ତରଠାରେ ମହାଧାରଣା ଅନୁଷ୍ଠିତ











ନୂଆଦିଲ୍ଲୀ,୨୩।୧୧(ପି.ଏନ):ରାଷ୍ଟ୍ରୀୟ ପତ୍ରକାର ମହାସଂଘ ଆନୁକୂଲ୍ୟରେ ଦିଲ୍ଲୀସ୍ଥିତ କନିଷ୍ଟିଟ୍ୟୁସନ କ୍ଲବ ଠାରେ ଜାତୀୟ ଗଣମାଧ୍ୟମ ଦିବସ ଧୁମ୍‌ଧାମ୍‌ରେ ପାଳିତ ହୋଇଅଛି। ଓଡ଼ିଶା ଯାଜପୁରର ଲୋକସଭା ସାଂସଦ ଡକ୍ଟର ରବୀନ୍ଦ୍ର ନାରାୟଣ ବେହେରା ମୁଖ୍ୟଅତିଥି, ପିଆଇବିର ପୂର୍ବତନ ମୁଖ୍ୟ ମହାନିର୍ଦ୍ଦେଶକ କେ.ଏସ ଧତୁଆଲିଆ ମୁଖ୍ୟବକ୍ତା, ସୁପ୍ରିମକୋର୍ଟର ବରିଷ୍ଠ ଅଧିବକ୍ତା ଆଡ଼ଭୋକେଟ ଆଶାଦ ଆଲଭି ସମ୍ମାନନୀୟ ଅତିଥି ଭାବେ ଯୋଗଦେଇଥିଲେ। ସମସ୍ତ ଅତିଥି ସେମାନଙ୍କ ବକ୍ତବ୍ୟରେ ସାମ୍ବାଦିକ ଓ ସମ୍ବାଦପତ୍ରମାନଙ୍କ ସମସ୍ୟା ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିବା ସହ ସେମାନଙ୍କ ସମସ୍ୟା ସମାଧାନ ବିଷୟରେ ନିଜନିଜ ସ୍ତରରେ ସାହାଯ୍ୟ ସହଯୋଗ କରିବାର ପ୍ରତିଶ୍ରୁତି ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଭାରତ ବର୍ଷର ଅନେକ ବିଶିଷ୍ଟ ସାମ୍ବାଦିକ, ସମାଜସେବୀ, ଶିକ୍ଷାବିତ୍ ଓ ଚଳଚ୍ଚିତ୍ର ନିର୍ଦ୍ଦେଶକ ପ୍ରଭୃତିଙ୍କୁ ସମ୍ମାନୀତ କରାଯାଇଥିଲା । ସମ୍ବର୍ଦ୍ଧିତ ହୋଇଥିବା ପ୍ରମୁଖ ବ୍ୟକ୍ତି ବିଶେଷ ହେଲେ ଶ୍ରୀ ଲଳିତ ଗର୍ଗ, ପ୍ରଫେସର ରବି ଚତୁର୍ବେଦୀ, ଜବାହର ଜୟରଥ, ସଞ୍ଜୟ ରାୟ ଓ ଡକ୍ଟର ଇନ୍ଦିରା ରାୟ, ବୀରେନ୍ଦ୍ର ପ୍ରସାଦ ସାଇନ୍ ଓ ରୀତା ସାଇନ୍, ସୁଶୀଲ ଶର୍ମା, ଜଗଦିସ୍ ଯାଦବ, ବବୁଲୁ ଚକ୍ରବର୍ତ୍ତୀ, ସତ୍ୟନାରାୟଣ ଚତୁର୍ବେଦୀ, ଧିରଜ କୁମାର, ସୁରେନ୍ଦ୍ର ବର୍ମା, କେ. ସଞ୍ଜିବ, ଶିବ ପ୍ରକାଶ, ରବୀନ୍ଦ୍ର ପ୍ରଧାନ, ନିଗମାନନ୍ଦ ପୃଷ୍ଟି, ଗଗନ ବିଶ୍ୱାଳ, ସବନମ୍ ଆଦେରୀ, ଶିବାନନ୍ଦ ରାଉତ, ପଙ୍କଜ କୁମାର ମିସ୍ତ୍ରୀ, ମେହତାବ ଖାନ୍ ଚାନ୍ଦ, ଦୀପକ ଶର୍ମା, ଚନ୍ଦ୍ରଶେଖର ବାରଭେ, ପବନ ଭୁତ୍, ବି. ଶ୍ରୀକାନ୍ତ, ହେମନ୍ତ ଶର୍ମା, ଡକ୍ଟର କମଲ ସକ୍‌ସେନା, ଆକ୍ଟର ବ୍ରିଜେସ୍, ମିସ୍ ଆକାଂକ୍ଷା। ରାଷ୍ଟ୍ରୀୟ ପତ୍ରକାର ମହାସଂଘର ରାଷ୍ଟ୍ରୀୟ ସଭାପତି ଡକ୍ଟର ପବିତ୍ର ମୋହନ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସଙ୍ଗଠନ ସମ୍ପାଦକ ସୁଶୀଲ କୁମାର ଶର୍ମା ପ୍ରାରମ୍ଭିକ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମର ସଂଚାଳନ ମିସ୍ ଆଦିତିଙ୍କ ଦ୍ୱାରା ସମ୍ପନ୍ନ ହୋଇଥିବା ବେଳେ ଆରିୟନ ଓ ଆକାଂକ୍ଷା ସହଯୋଗ କରିଥିଲେ। ଉପାଧ୍ୟକ୍ଷ ସୁରେନ୍ଦ୍ର ବର୍ମା ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ଧ୍ୟାରେ ପ୍ରେସ କ୍ଲବ ଅଫ୍ ଇଣ୍ଡିଆ ଠାରେ ଆୟୋଜିତ ସମ୍ବର୍ଦ୍ଧନାର ମୁଖ୍ୟ ଅତିଥି ରାଷ୍ଟ୍ର ଟାଇମ୍ସର ମୁଖ୍ୟ ସମ୍ପାଦକ ବିଜୟ ଶଙ୍କର ଚର୍ତୁର୍ବେଦୀ ଓ ମୁଖ୍ୟବ୍ୟକ୍ତା ଇଶାନ ଟାଇମ୍ସର ମୁଖ୍ୟ ସମ୍ପାଦକ ସଞ୍ଜୟ ରାୟ ରାଷ୍ଟ୍ରୀୟ ଗଣମାଧ୍ୟମ ଦିବସ ଉପରେ ଆଲୋକପାତ କରିଥିଲେ। ଉକ୍ତ ସଭାରେ ରାଷ୍ଟ୍ରୀୟ ପତ୍ରକାର ସଂଘ, ଏନଏମସି ଓ ଆଇଏଫଏସଏମଏନର ପ୍ରତିଷ୍ଠାତା ସଭ୍ୟ, ଆଜୀବନ ସଦସ୍ୟ ଓ ସମସ୍ତ ପ୍ରତିନିଧିମଣ୍ଡଳ ସଦସ୍ୟଙ୍କୁ ମିଶାଇ ୮୪ରୁ ଉର୍ଦ୍ଧ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଷ୍ଟ୍ରୀୟ ଅଧ୍ୟକ୍ଷ ଡକ୍ଟର ପବିତ୍ର ମୋହନ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବକୁ ଦିଲ୍ଲୀ ପ୍ରଦେଶ ପ୍ରଭାରୀ ବୀରେନ୍ଦ୍ର ପ୍ରସାଦ ସାହିନ ପରିଚାଳନା କରିଥିଲେ। ଉପାଧ୍ୟକ୍ଷ ସୁରେନ୍ଦ୍ର ବର୍ମା ଧନ୍ୟବାଦ ଅର୍ପଣ କରିଥିଲେ। ତତ୍‌ପରଦିନ ଯନ୍ତର ମନ୍ତର ଠାରେ ଆୟୋଜିତ ବିଶାଳ ମହା ଧାରଣା ରାଷ୍ଟ୍ରୀୟ ଅଧ୍ୟକ୍ଷ ଡକ୍ଟର ପବିତ୍ର ମୋହନ ସାମନ୍ତରାୟଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଭାରତୀୟ ମଜଦୁର ସଂଘର ଦିଲ୍ଲୀ ପ୍ରଭାରୀ ଶ୍ରୀ ଦେବେନ୍ଦ୍ର କୁମାର ପାଣ୍ଡେ, ସିଟୁର ସାଧାରଣ ସମ୍ପାଦକ ଅନୁରାଗ ସାକ୍‌ସେନା, ଆଇଏମର ରାଷ୍ଟ୍ରୀୟ ସଭାପତି ସଞ୍ଜୟ ରାୟ, ଆଇଏଫଏସଏମଏନର ଅଧ୍ୟକ୍ଷ ଅରୁଣ ଗୋଏଲ, ଏନଏମସିର ଉପାଧ୍ୟକ୍ଷ ସୁରିନ୍ଦର ବର୍ମା ତଥା ଅନେକ ଗଣ ମାଧ୍ୟମ ସଙ୍ଗଠନର ନେତୃବୃନ୍ଦ ସାମ୍ବାଦିକମାନଙ୍କ ବିଭିନ୍ନ ସମସ୍ୟା ବିଷୟରେ ସବିଶେଷ ଆଲୋଚନା ସହ ସରକାର ନିକଟରେ ସମାଧାନ ନିମନ୍ତେ ଦାବି ଉପସ୍ଥାପନ କରିଥିଲେ। ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ୨୨ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ଯେଉଁଥିରେ ଗଣମାଧ୍ୟମକୁ ଚତୁର୍ଥ ସ୍ତମ୍ଭର ସାମ୍ବିଧାନିକ ଦର୍ଯ୍ୟା ପ୍ରଦାନ, ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ ଇତ୍ୟାଦି ଅର୍ନ୍ତଭୁକ୍ତ। ଉକ୍ତ ପ୍ରତିବାଦ ସଭାରେ ୨୫ ରାଜ୍ୟରୁ ଏକଶହରୁ ଉର୍ଦ୍ଧ୍ୱ ଗଣମାଧ୍ୟମ ବ୍ୟକ୍ତିତ୍ୱ ସର୍ବଶ୍ରୀ ସୁଶୀଲ ଶର୍ମା, ଜଗଦୀଶ ଯାଦବ, ପଙ୍କଜ ମିସ୍ତ୍ରୀ, ସତ୍ୟନାରାୟଣ ଚତୁର୍ବେଦୀ, ପବନ୍ ଭୁତ୍, ଗୋବିନ୍ଦ ରାତ୍ରେ, ଶାନ୍ତି ଗୌତମ, ବିକାଶ ଶର୍ମା, ଶିବାନୀ, କେ.ଡ଼ି. ମିଶ୍ର, ବବୁଲୁ ଚକ୍ରବର୍ତ୍ତୀ, ମନୋଜ ଗୋଏଲ, ବିରେନ୍ଦ୍ର ପଠାଣିଆ, ତାହିର ଅହମଦ୍, ଭାନୁପ୍ରତାପ ନାୟକ, ବି.ଶ୍ରୀକାନ୍ତ, ହେମନ୍ତ ଶର୍ମା, ପ୍ରିୟବ୍ରତ ନାୟକ, ଦୀପକ ଶ୍ରମା ପ୍ରମୁଖ ଅନ୍ତର୍ଭୁକ୍ତ।

## ସୋରେନ ପରିବାରର ୩ ଜଣ ଜିତିଲେ, କିନ୍ତୁ ବିଜେପିରୁ ଲଢୁଥିବା ବଡ ଭାଉଜ ହାରିଲେ





ଭୁବନେଶ୍ୱର,୨୩।୧୧(ପି.ଏନ): ଝାରଖଣ୍ଡ ବିଧାନସଭା ନିର୍ବାଚନରେ ସୋରେନ ପରିବାରର ଦବଦବା ଦେଖିବାକୁ ମିଳିଛି। ସୋରେନ ପରିବାରର ୩ ଜଣ ଜେଏମଏମ ଟିକେଟରୁ ବିଜୟୀ ହୋଇଛନ୍ତି। ହେମନ୍ତ ସୋରେନ, ତାଙ୍କ ପନ୍ୀ କଳ୍ପନା ସୋରେନ ଓ ସାନ ଭାଇ ବସନ୍ତ ସୋରେନ ବିଧାନସଭା ନିର୍ବାଚନରେ ବାଜିମାତ କରିଛନ୍ତି।ହେଲେ ଜେଏମଏମରୁ ବାହାରି ବିଜେପି ଟିକେଟରେ ଲଢୁଥିବା ହେମନ୍ତଙ୍କ ବଡ ଭାଉଜ ଗୀତା ସୋରେନ ପରିବାରର ଏକମାତ୍ର ସଦସ୍ୟ ଭାବେ ପରାସ୍ତ ହୋଇଛନ୍ତି।ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ବାରହେଟ ଆସନରୁ କ୍ରମାଗତ ତୃତୀୟ ଥର ପାଇଁ ଐତିହାସିକ ବିଜୟ ହାସଲ କରିଛନ୍ତି। ହେମନ୍ତ ସୋରେନ ବିଜେପିର ଗାମଲିୟେଲ ହେମ୍ବ୍ରମଙ୍କୁ ୩୯,୭୯୧ ଖଣ୍ଡ ଭୋଟରେ ପରାସ୍ତ କରିଛନ୍ତି। ହେମନ୍ତଙ୍କୁ ୯୫,୬୧୨ ଖଣ୍ଡ ଭୋଟ ମିଳିଥିବା ବେଳେ ଗାମଲିୟେଲଙ୍କୁ ୫୫,୮୨୧ ଖଣ୍ଡ ଭୋଟ ମିଳିଛି। ହେମନ୍ତ ସୋରେନ ଐତିହାସିକ ବିଜୟ ପାଇଁ ଝାରଖଣ୍ଡବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଆଇଏଏସ ବଦଳି: ଚିତ୍ରାଙ୍କୁ ଶ୍ରମ ଓ ଇଏସଆଇ, ସୁଧାଂଶୁ ଓଡଶା ଖଣି ନିଗମ ଏମଡି

ଭୁବନେଶ୍ୱର,୨୩।୧୧(ପି.ଏନ): ରାଜ୍ୟ ସରକାର ଆଜି ଆଇଏଏସ୍ ଅଫିସରସ୍ତରରେ ଅଦଳବଦଳ କରିଛନ୍ତି । ମୋଟ ୧୨ଜଣ ଆଇଏଏସ୍ ଅଫିସରଙ୍କୁ ବିଭିନ୍ନ ପଦବୀରେ ଅବସ୍ଥାପିତ କରାଯାଇଛି। ଆଜି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ ୧୯୯୫ ବ୍ୟାଚ୍ ଆଇଏଏସ୍ ଚିତ୍ରା ଅରୁମୁଗମଙ୍କୁ ଶ୍ରମ ଓ ଇଏସଆଇ ବିଭାଗର ପ୍ରମୁଖ ସଚିବ ଭାବେ ଅବସ୍ଥାପିତ କରାଯାଇଛି। ସେ ବିଜ୍ଞାନ ଓ କାରିଗରି କୌଶଳ ବିଭାଗର ପ୍ରମୁଖ ସଚିବର ଅତିରିକ୍ତ ଦାୟିତ୍ୱ ମଧ ତୁଲାଇବେ।ସେହିପରି ୨୦୦୮ ବ୍ୟାଚ୍ ଆଇଏଏସ୍ ଯାମିନୀ ଷଡଙ୍ଗୀଙ୍କୁ ବାଣିଜ୍ୟକର ଓ ଜିଏସଟି କମିଶନର ଭାବେ ଅବସ୍ଥାପିତ କରାଯାଇଛି। ସେ ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ମଧ ତୁଲାଇବେ। ଜଳସମ୍ପଦ ବିଭାଗର ଅତିରିକ୍ତ ସଚିବ ୨୦୧୦ ବ୍ୟାଚ୍ ଆଇଏଏସ୍ ସୁଧାଂଶୁ ମୋହନ ସାମଲଙ୍କୁ ଓଡିଶା ଖଣି ନିଗମର ପରିଚାଳନା ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। ଆଇଏଏସ୍ ବଳବନ୍ତ ସିଂ ଏବେ ଓଡିଶା ଖଣି ନିଗମର ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି। ସେହିପରି ୨୦୧୧ ବ୍ୟାଚ୍ ଆଇଏଏସ୍ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଶ୍ରମ କମିଶନର ଭାବେ ବଦଳି କରାଯାଇଛି। ଏବେ ଶ୍ରମ କମିଶନର ଭାବେ ଆଇଏଏସ୍ କୁଳାଙ୍ଗେ ବିଜୟ ଅମୃତ ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି।











## ଟି ଟାଇମ୍



**ଜୋକ୍ସ**

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

ହରି-ମୁଁ ଯେତେବେଳେ ଏଠାକୁ ଆସିଲି ଖାଲି ପାଦରେ ଆସିଥିଲି ।
ଶାମ- ମୁଁ ତ ଖାଲି ଦେହରେ ଆସିଥିଲି।
ହରି-କିପରି ?
ଶାମ- ମୁଁ ପରା ଏଇଠି ଜନ୍ମ ହୋଇଛି ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ପୁରାଣ କାହାଣୀ

# ରାମାୟଣ ଆଦ୍ୟକାଣ୍ଡ



ସରଜୁ ନଦୀ କୂଳରେ ଅବସ୍ଥିତ ଅଯୋଧ୍ୟା ନଗରୀ ହେଉଛି କୋଶଳ ରାଜ୍ୟର ରାଜଧାନୀ। କୋଶଳ ନରେଶ ରାଜା ଦଶରଥଙ୍କ ରାଜତ୍ୱ କାଳରେ ପ୍ରଜାମାନେ ଅତ୍ୟନ୍ତ ସୁଖରେ କାଳାତିପାତ କରୁଥିଲେ। ରାଜା ଦଶରଥଙ୍କ ତିନି ରାଣୀ ଥିଲେ କୌଶଲ୍ୟା, କୈକେୟୀ ଏବଂ ସୁମିତ୍ରା। ମାତ୍ର ବହୁ ଦିନ ଧରି ରାଜା ଅପୁତ୍ରୀକ ଥିଲେ। ତେଣୁ ଋଷି ବଶିଷ୍ଠଙ୍କ ପରାମର୍ଶ କ୍ରମେ ଋଶ୍ୟଶୃଙ୍ଗ ମୁନୀଙ୍କୁ ନିମନ୍ତ୍ରଣ କରି ତାଙ୍କରି ଦ୍ୱାରା ରାଜା ପୁତ୍ରେଷ୍ଟି ଯଜ୍ଞର ଆୟୋଜନ କଲେ। ଯଜ୍ଞର ଫଳର ସ୍ୱରୂପ ପ୍ରଥମେ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ରାମ, ରାଣୀ କୈକେୟୀଙ୍କ ଗର୍ଭରୁ ଭରତ ଏବଂ ସୁମିତ୍ରାଙ୍କ ଗର୍ଭରେ ଲକ୍ଷ୍ମଣ ଓ ଶତୃଘ୍ନ ଜନ୍ମ ନେଲେ। ପୁରାଣ କହେ, ରାକ୍ଷାସ ରୂପି ରାବଣ ଦେବଗଣଙ୍କୁ ଅତ୍ୟାଚାର କରୁଥିଲା ଏବଂ ରାବଣର ମୃତ୍ୟୁ ମାନବାତାର ରାମଙ୍କ ଦ୍ୱାରା ନିଶ୍ଚିତ ଥିଲା। ତେଣୁ ରାବଣ ବଦ୍ଧ ନିମନ୍ତେ ମର୍ତ୍ତ୍ୟରେ ମାନବ ଅବତାର ଧାରଣ କରିବାକୁ ଭଗବାନ ବିଷ୍ଣୁ ଇଚ୍ଛା ପ୍ରକଟ କରନେତ୍ ତାଙ୍କରି ଅଂଶରୁ ଭଗବାନଙ୍କ ଗୁଣ ସମ୍ପନ୍ନ ଚାରିପୁଅ ଦଶରଥଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ। ସମୟ କ୍ରମେ ଚାରିପୁଅ ଶାସ୍ତ୍ର ବିଦ୍ୟା ଅଧ୍ୟୟନ ସହ ଶାସ୍ତ୍ର ବିଦ୍ୟାରେ ନିପୁଣତା ହାସଲ କଲେ। ରାମଙ୍କୁ ହୋଇଥାଏ ୧୬ ବର୍ଷ ବୟସ। ଋଷି ବିଶ୍ୱାମିତ୍ର ଦିନେ ରାଜା ଦଶରଥଙ୍କ ଦରବାରକୁ ଆସିଲେ। ବଣରେ ଯଜ୍ଞ ନଷ୍ଟ କରୁଥିବା ଅସୁର ଗଣଙ୍କୁ ନିପାତ କରିବା ପାଇଁ ସହାୟତା ସ୍ୱରୂପ ସେ ରାଜା ଦଶରଥଙ୍କୁ ପୁତ୍ର ରାମଙ୍କୁ ମାଗିଲେ। ଭ୍ରାତା ଲକ୍ଷ୍ମଣ ରାମଙ୍କୁ ଅନୁସରଣ କରିବାକୁ ଇଚ୍ଛା ପ୍ରକଟ କରନ୍ତେ ରାଜାଙ୍କ ସମ୍ମତି କ୍ରମେ ଋଷି ରାମ ଓ ଲକ୍ଷ୍ମଣଙ୍କୁ ଧରି ବଣକୁ ଚାଲିଲେ। ସମୟ କ୍ରମେ ରାମ ଓ ଲକ୍ଷ୍ମଣ ଋଷି ମିଶ୍ୱାମିତ୍ରଙ୍କଠାରୁ ବହୁ ଶସ୍ତ୍ର ବିଦ୍ୟା ସହିତ ବିଭିନ୍ନ ଦୈବୀ ଅସ୍ତ୍ର ମଧ୍ୟ ଲାଭ କଲେ ଓ ଋଷିଙ୍କ ହୋମରେ ବିଘ୍ନ ସୃଷ୍ଟି କରୁଥିବା ତାଡକା ଅସୁରୁଣୀ ସହିତ ଅନ୍ୟାନ୍ୟ ଅସୁରମାନଙ୍କୁ ବଦ୍ଧ କଲେ।

# ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର। ମାତ୍ର ନିଜର ଦୃଢଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା। କୌଣସି ଡିଗ୍ରୀ ନଥାଇ ମଧ୍ୟ ସେ ଆଜି ସଫଳ ଉଦେଷ୍ୟାଗପତି। ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ। ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯ୍ୟଷ୍ଟକଙ୍କ ଭିଡ। ଏହି ଉଦେଷ୍ୟାଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର। ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର। ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଜେ ଅଶିକ୍ଷିତ ହେଲେ ମଧ୍ୟ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା। ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ। ପାଠପଢା ସହ ମଧ୍ୟ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯ୍ୟଷ୍ୟରେ ସାହାଯଷ୍ୟ କରୁଥିଲେ। ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ। ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦଷ୍ୟାଳୟରେ ସ୍ନାତକରେ ନାମ ଲେଖାଇଥିଲେ। ନାମ ସିନା ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ। ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ। ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ। ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା। ନିଜ ଅଞ୍ଚଳ ବଷ୍ୟତୀତ ଅନଷ୍ୟ ରାଜଷ୍ୟରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ। ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା। ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖଷ୍ୟାରେ ପର୍ଯ୍ୟଷ୍ଟକଙ୍କ ଭିଡ ଲାଗିଥାଏ। ବର୍ଷକୁ ବର୍ଷ ପର୍ଯ୍ୟଷ୍ଟକଙ୍କ ବର୍ଦ୍ଧିତ ସଂଖଷ୍ୟାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ। ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା। ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା। ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ୍ୟ ବହୁ ସୁଧାର ଆସିଥିଲା। ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ପଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ। ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯ୍ୟଷ୍ୟ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ପର୍ଯ୍ୟଷ୍ଟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା। ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା। ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯ୍ୟଷ୍ଟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ୍ୟ ଆସନ୍ତୁ। କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ। ମନାଲିକୁ ସିଧାସଳଖ ଟ୍ରେନ କିମ୍ବା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯ୍ୟଷ୍ଟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା। ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ। ନିଜ ସଞ୍ଚିତ ଅର୍ଥ ଓ ବଷ୍ୟାଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ। ୨୦୧୪ ଅପ୍ରେଲରେ ଅନଷ୍ୟ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଭଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ। ପର୍ଯ୍ୟଷ୍ଟକଙ୍କ ଭିଡକୁ ଲକ୍ଷଷ୍ୟ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା। କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା। କମ୍ପାନୀ ପ୍ରତିଷ୍ଠା ସମୟରେ ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯ୍ୟଷ୍ୟ ସମ୍ଭାଳିବାକୁ ପଡିଥିଲା। ଆର୍ଥିକ ସଙ୍କଟ ଯୋଗୁଁ ବଷ୍ୟବସାୟରେ ମାନ୍ଦାବସ୍ଥା ଆସିଥିଲା। ତଥାପି ମଧ୍ୟ ବୁଦ୍ଧି ହାର ମାନିନଥିଲେ। ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ। ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ୍ୟ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚୁଷ୍ୟତି ହେବି ନାହିଁ।



# ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର



ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟଷ୍ୟାୟରେ ପହଞ୍ଚି ସାରିଛି। ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯ୍ୟଷ୍ୟ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରାଯାଉଛି। ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଳ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ। ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଢାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଢାଞ୍ଚା ସହ ଦିଶୁଛି। ସେଥିପାଇଁ ଆମେ ଏବେ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରିସାରିଛୁ। ଆସନ୍ତା ହୋଲି ପର୍ବ ପରେ ମନ୍ଦିର ନିର୍ମାଣ କାର୍ଯ୍ୟଷ୍ୟ ଆରମ୍ଭ ହେବ। ପ୍ରସ୍ତାବିତ ମନ୍ଦିରଟି ପଶ୍ଚିମ ଚମ୍ପାରଣଷ୍ୟ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ। ପ୍ରଥମ ପର୍ଯ୍ୟଷ୍ୟାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ଦିରର ମୁଖଷ୍ୟ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର। ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ। ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ୍ୟ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ।

## ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ



ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା। ରାଜଦଣ୍ଡ ଧରିବା ପରେ ଶ୍ରୀରାମଚନ୍ଦ୍ର ରାଜନୀତି ଓ ଦର୍ଶନଶାସ୍ତ୍ରକୁ ଭଲକରି ପଢ଼ିବାରେ ଲାଗିଲେ। ନିଜ ରାଜ୍ୟକୁ ଏକ ଆଦର୍ଶ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ ଶାସନ କରୁଥିଲେ। ଏହି ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାର୍ଯ୍ୟଶୈଳୀ ସମଗ୍ର ରାଜ୍ୟରେ ଗୁଞ୍ଜରିତ ହେଉଥିଲା। ତାଙ୍କ ଗୁଣରେ ମୁଗ୍ଧ ହୋଇ ଶ୍ରୀରାମଚନ୍ଦ୍ର ତାଙ୍କୁ ରାଜ୍ୟ ସରକାରଙ୍କ ଓକିଲ ପଦରେ ନିଯୁକ୍ତି କରିଥିଲେ। ପଣ୍ଡିତ ଗୋପବନ୍ଧୁ ସେତେବେଳେ ସକଳ କାର୍ଯ୍ୟରେ ତାଙ୍କର ପରମ ସଖା ରୂପେ ପରାମର୍ଶଦାତାଥିଲେ। ଶ୍ରୀରାମଚନ୍ଦ୍ର ଓ ଗୋପବନ୍ଧୁ ମଧ୍ୟରେ ଏପରି ଘନିଷ୍ଠ ବନ୍ଧୁତା ଥିଲା ଯେ, କୌଣସି କାର୍ଯ୍ୟ କଲାବେଳେ ଶ୍ରୀରାମଚନ୍ଦ୍ର, ଗୋପବନ୍ଧୁଙ୍କ ପରାମର୍ଶ ନେଉଥିଲେ।

# ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମୁଷ୍ୟନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ୍ୟ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।




# କାଥୋଲିକ ଓ ପ୍ରୋଟେଷ୍ଟାଣ୍ଟ ବିବାଦ

ଆମ ଦେଶର ଜାତିଗତ ବିବାଦ ସଂପର୍କିୟ ଘଟଣା ସବୁବେଳେ ଆମେ ବହୁଳ ଭାବରେ ଆଲୋଚନା କରି ସେ ସମୟର ନିର୍ଯାତନା ପାଇଁ ଏବେ ମଧ୍ୟ କିଛି ନିର୍ଦ୍ଦିଷ୍ଟ ଜାତି ବା ସଂପ୍ରଦାୟଙ୍କୁ ଦାୟୀ କରି ନିନ୍ଦା ଓ ଭତ୍ସନା ଜାରି ରଖିଛୁ । ପ୍ରତିଦିନ ମନୁଙ୍କ ସପ୍ତପୁରୁଷକୁ ଶ୍ରାଦ୍ଧ କରାଯାଉଛି । ବ୍ରାହ୍ମଣମାନଙ୍କ ମୁହଁରେ କଳା ବୋଳାଯାଉଛି । ଆମ ଦେଶରେ ଜାତିଗତ ବିଭେଦ ପାଇଁ କେବେ ରକ୍ତପାତ ହୋଇ ନଥିଲା । ସମୟ ଅନୁଯାୟୀ ଲୋକମାନେ ଅତୀତକୁ ଭୁଲି ସଂହତିର ଜୀବନ କଟାଇଲା ବେଳକୁ ଆମ ନେତାମାନେ ଲୋକମାନଙ୍କୁ ଶାନ୍ତିରେ ରଖାଇ ଦେଉନାହାନ୍ତି । ଦଳିତ, ଅନୁସୂଚିତ ବୋଲି ଅନେକ ଶବ୍ଦ ସୃଷ୍ଟି କରି ସବୁବେଳେ ଅତୀତକୁ ଉଖୁରାଉଛନ୍ତି । ନାନାପ୍ରକାର ସଂରକ୍ଷଣରେ ଦେଶକୁ ଶତ ବିଭକ୍ତ କରି ନିଜର ଭୋଟବ୍ୟାଙ୍କ ସୃଷ୍ଟି କରି ଚାଲିଛନ୍ତି ।

ମଧ୍ୟଯୁଗରେ ଖାଲି ଭାରତ ନୁହେଁ, ପୃଥିବୀର ସବୁଆଡେ ଭୟଙ୍କର ଧର୍ମଗତ ବିଭେଦ ଲାଗିଥିଲା । ଯେଉଁ ୟୁରୋପୀୟମାନେ ଆଜି ସାହେବ ହୋଇଛନ୍ତି, କ୍ରୀତଦାସ ପ୍ରଥା ଭଳି ଜଘନ୍ୟ ପ୍ରଥାକୁ ଶହ ଶହ ବର୍ଷ ବଂଚାଇ ରଖିଥିଲେ । ମଣିଷକୁ ପଶୁଠାରୁ ଆହୁରି ହୀନ କରିଥିଲେ । ଖ୍ରୀଷ୍ଟିଆନମାନେ ସେମାନଙ୍କର ଜାତିଭେଦ ନାହିଁ କହି ଆମକୁ ଘୃଣା କରନ୍ତି, ସେମାନଙ୍କର କାଥୋଲିକ ଓ ପୋଟେଷ୍ଟାଣ୍ଟମାନଙ୍କ ମଧ୍ୟରେ ବିବାଦ ହୋଇ ଶହ ଶହ ଜିଅନ୍ତା ମଣିଷକୁ କିପରି ପୋଡି ମାରୁଥିଲେ, ତାହାର ସାକ୍ଷୀ ଇତିହାସ ହିଁ ରହିଛି ।

ପ୍ରଥମ ଖ୍ରୀଷ୍ଟାବ୍ଦସରେ ପ୍ରାଚୀନ ଇସ୍ରାଏଲ ଭୂମି (ଜୁଡାଇ)ର ଜେସସ କ୍ରାଏଷ୍ଟ ଖ୍ରୀଷ୍ଟଧର୍ମ ପ୍ରଚାର କରିଥିଲେ । ଏକ ନୂତନ ଧର୍ମ ଆଗମନରେ ଆତଙ୍କିତ ହୋଇ ସେଠାର ମୂଳ ଅଧିବାସୀ ଇହୁଦୀମାନଙ୍କର ପୂଜକ ମାନେ ରୋମାନ ଶାସକ ହିରୋଡଙ୍କ ଆଗରେ ଯୀଶୁଙ୍କ ବିରୁଦ୍ଧରେ ଆରୋପ ଆଣି ତାଙ୍କୁ କ୍ରୁସ ବିଦ୍ଧ କରାଇ ହତ୍ୟା କରିଥିଲେ । ସେତେବେଳେ ଧର୍ମରେ ନୂଆ ଚିନ୍ତାଧାରାକୁ ପ୍ରାଣଦଣ୍ଡ ଦେଇ ଦବାଇ ଦିଆଯାଉଥିଲା । ପରେ ପଲ, ପିଟର ଭଳି ଶିଷ୍ୟମାନେ ଆତ୍ମବଳି ଦେଇ ଏହାର ପ୍ରଚାର କରିଥିଲେ । ନୂତନ ଧର୍ମାବଲମ୍ବୀମାନେ ନାନା ନିର୍ଯାତନାର ଶିକାର ହେଲେ । ତୃତୀୟ ଶତାବ୍ଦୀରେ ରୋମ ସମ୍ରାଟ କନଷ୍ଟାଣ୍ଟଇନ ରୋମର ରାଜଧର୍ମ ରୂପେ ଖ୍ରୀଷ୍ଟଧର୍ମ କୁ ଗ୍ରହଣ କରିବାରୁ ଏହା ସାରା ରୋମ ସାମ୍ରାଜ୍ୟରେ ବ୍ୟାପିଗଲା । ଚର୍ଚ୍ଚମାନ ପ୍ରତିଷ୍ଠା କରାଗଲା । ରୋମର ବିଶପଙ୍କୁ ପୋପ କୁହାଗଲା । ଧର୍ମକୁ ରୋମାନ କାଥୋଲିକ (Universal) ଧର୍ମ ନାମ ଦିଆଗଲା । ଖ୍ରୀଷ୍ଟ ଧର୍ମର ଧର୍ମଗ୍ରନ୍ଥ ବାଇବେଲ ଲାଟିନ ଭାଷାରେ ଲେଖା ଥିଲା । ପ୍ରତି ରବିବାର ଦିନ ଚର୍ଚ୍ଚକୁ ଯିବା ବାଧ୍ୟତାମୂଳକ ଥିଲା । ମଣିଷର ବ୍ୟକ୍ତିଗତ ଜୀବନକୁ ଚର୍ଚ୍ଚ ନିୟନ୍ତ୍ରଣ କଲା । ୟୁରୋପର ଏକ ତୃତୀୟାଂଶ ଜମି ଚର୍ଚ୍ଚ ଅଧୀନରେ ଥିଲା । ପୋପ ଖ୍ରୀଷ୍ଟଆନ ଜଗତର ସର୍ବୋଚ୍ଚ ଧର୍ମଗୁରୁ ହେଲେ । ବିସପ, କାର୍ଡିନାଲ, ପ୍ରିଷ୍ଟ ମାଧ୍ୟମରେ ସାଧାରଣ ଲୋକମାନେ ଈଶ୍ୱରଙ୍କ ଉପଲବ୍ଧି କରୁଥିଲେ । ଅନୁତାପ, କନଫେସନ, ବାପ୍ଟିଜିମ ଓ ସତକାମ ଏହି ଧର୍ମର ମୂଳମନ୍ତ୍ର ଥିଲା । ପୋପ ସମସ୍ତ ଖ୍ରୀଷ୍ଟିଆନ ଜଗତର ସର୍ବୋଚ୍ଚ ଗୁରୁ ଥିଲେ । ସେ ବିସପ, କାର୍ଡିନାଲମାନଙ୍କୁ ନିଯୁକ୍ତି ଦେଉଥିଲେ । ପାପାଲ କିଙ୍ଗଡମ ନାମରେ ରାଜ୍ୟର ଶାସକ ମଧ୍ୟ ଥିଲେ । ପ୍ରତ୍ୟେକ ଶାସକ ନିଜ ଅଭିଷେକ, ବିବାହ ପାଇଁ ପୋପଙ୍କର ଅନୁମତି ନେଉଥିଲେ । କାଥୋଲିକ ଧର୍ମରେ କୌଣସି ଭିନ୍ନମତକୁ ଆଶ୍ରୟ ଦିଆଯାଉ ନ ଥିଲା । ନିଜର ନୂଆ ମତ (Heliocentrism,The Sun not Earth is in centre) ପାଇଁ ବୟସ୍କ ବୈଜ୍ଞାନିକ ଗାଲିଲିଓଙ୍କୁ ନାନା ଅପମାନ ଦିଆଗଲା (୧୬୩୪) । ସେ ମିଛୁଆ ଓ ଉଦଭ୍ରାନ୍ତ (Heratic) ବୋଲି ଘୋଷଣା କରାଗଲା । ସେ ଜୀବନଯାକ ଗୃହବନ୍ଦୀ ରହିଲେ । କବର ପାଇଁ ଯାଗା ଦିଆଗଲା ନାହିଁ । କାଳକ୍ରମେ ଅନେକ ଚିନ୍ତାଶୀଳ ବ୍ୟକ୍ତି ଧର୍ମର ସଂସ୍କାର ଚାହିଁଲେ । ସେମାନଙ୍କ ମଧ୍ୟରେ ଜର୍ମାନର ମାର୍ଟିନ ଲୁଥର ଓ କାଲଭିନ ପ୍ରଧାନ । ସେ ୯୫ ଥେସିସ ନାମରେ ଏକ ପୁସ୍ତକ ଲେଖି (୧୫୨୩) ପୋପଙ୍କ ଆଧିପତ୍ୟକୁ ପ୍ରୋଟେଷ୍ଟ କରିବାରୁ ତାଙ୍କ ଧର୍ମକୁ ପ୍ରୋଟେଷ୍ଟାଣ୍ଟ କୁହାଗଲା । ସେମାନେ ବାଇବେଲକୁ ସ୍ଥାନୀୟ ଭାଷାରେ ଛପାଇଲେ । ଈଶ୍ୱର ଓ ବ୍ୟକ୍ତି ମଧ୍ୟରେ ପ୍ରିଷ୍ଟର (ଚର୍ଚ୍ଚ) ମାଧ୍ୟମ ଦରକାର ନାହିଁ ବୋଲି କହିଲେ । ମଦର ମେରୀଙ୍କ ଈଶ୍ୱରତ୍ୱକୁ ମାନିଲେ ନାହିଁ । ଅନୁତାପ, ସତକର୍ମ ବଦଳରେ ଈଶ୍ୱରଙ୍କ ପ୍ରତି ବିଶ୍ୱାସକୁ ପ୍ରାଧାନ୍ୟ ଦେଲେ । ଦଣ୍ଡରୁ କ୍ଷମା ପାଇଁ ଚର୍ଚ୍ଚମାନେ ଅର୍ଥ ନେବାକୁ ବିରୋଧ କଲେ । ସେମାନେ ନିଜର ସ୍ୱତନ୍ତ୍ର ଚର୍ଚ୍ଚ (Redemption) ପ୍ରତିଷ୍ଠା କଲେ । ପ୍ରତ୍ୟେକ ଚର୍ଚ୍ଚ ସମାନ ବୋଲି ଘୋଷଣା କଲେ । ଏହାର ସାମନା ପାଇଁ ପୋପ ସଂସ୍କାର କାର୍ଯ୍ୟକାରୀ କଲେ (୧୫୨୭) । ଜର୍ମାନୀର ଶାସକମାନେ ଲୁଥରଙ୍କୁ ସମର୍ଥନ କଲେ । ଜର୍ମାନୀ ସେତେବେଳେ ପବିତ୍ର ରୋମାନ ସମାଜର ଅନ୍ତର୍ଗତ ଥିଲା, ଯେ କି ପୋପଙ୍କର ଦୃଢ ସମର୍ଥକ ଥିଲେ । ଜର୍ମାନରେ ତିରିଶ ବର୍ଷ ଧରି ଯୁଦ୍ଧ ଚାଲିଲା । ଅନେକ ରାଜ୍ୟ ଧ୍ୱଂସ ହେଲା । କୁହାଯାଏ ଜର୍ମାନର ଏକ ତୃତିୟାଂଶ ଲୋକ ଏହି ଧର୍ମଯୁଦ୍ଧରେ ମରିଗଲେ । ଲାଟିନ ଆମେରିକା, ଇଟାଲି, ସ୍ପେନ୍, ପର୍ତ୍ତୁଗାଲ, ୨୩-ଇଷ୍ଟର୍ଣ୍ଣ ଅର୍ଥୋଡକ୍ସ କାଥୋଲିକ ଧର୍ମର (୧.୨ ବିଲିଅନ) ସମର୍ଥକ ଥିଲେ । ଜର୍ମାନ, ଫ୍ରାନସ, ଆମେରିକା, ହଲାଣ୍ଡ ପ୍ରୋଟେଷ୍ଟାଣ୍ଟକୁ ଆପଣେଇଲେ (୮୦ ମିଲିଅନ) । ଏଥିନେଇ ଦେଶ-ଦେଶ ମଧ୍ୟରେ ଯୁଦ୍ଧ ଚାଲିଲା । ଇଂଲଣ୍ଡର ହେନେରି-୮ଙ୍କ ପୋପଙ୍କ ସହ ବିବାଦ ହେବାରୁ ସେ ନିଜ ଦେଶରେ କାଥୋଲିକ ଚର୍ଚ୍ଚମାନ ବନ୍ଦ କରାଇଦେଲେ । ଅତ୍ୟାଚାରରୁ ରକ୍ଷାପାଇବା ପାଇଁ ଅନେକ ଦେଶ ଛାଡିଲେ । ତାଙ୍କ କନ୍ୟା ମେରି ଶାସକ ହେଲାପରେ କାଥୋଲିକଙ୍କୁ ସମର୍ଥନ କଲେ । ପ୍ରୋଟେଷ୍ଟାଣ୍ଟ ମାନଙ୍କୁ ମୃତ୍ୟୁଦଣ୍ଡ ଦେଉଥିଲେ । ତାଙ୍କର ମାତ୍ର ୫ ବର୍ଷ ଶାସନ ମଧ୍ୟରେ ଆର୍କ ବିଶପ କାଉନବରି (କ୍ରାନମର)ଙ୍କ ସମେତ ୨୭୮ ଜଣଙ୍କୁ ନିଆଁରେ ପୋଡି ମାରିଥିଲେ । ସେଥିପାଇଁ (Inquisition Law) ବୋଲି ଲୋକେ ଡାକିଲେ । ସ୍ପେନର ଜଣେ ପ୍ରୋଟେଷ୍ଟାଣ୍ଟ କେଟେନ ରିପିଲ (ଶିକ୍ଷକଙ୍କୁ) ଧର୍ମଯାଜକ ପ୍ରିସାଲିନଙ୍କୁ ପୋଡି ମାରିଦିଆଗଲା । ତାଙ୍କର ଅପରାଧ ହେଲା ସେ ଚର୍ଚ୍ଚରେ ପ୍ରାର୍ଥନା ନକରି ଘରେ ପ୍ରାର୍ଥନା କରାଉଥିଲେ । ଆୟରଲାଣ୍ଡରେ କାଥୋଲିକମାନଙ୍କୁ ୪୫ ଫୁଟ ବାଡ ଦିଆଯାଇ ନିଆରା ରଖାଗଲା । ଇଂଲଣ୍ଡରେ ଗୃହଯୁଦ୍ଧ ହୋଇ ରାଜା ଚାର୍ଲସ (କାଥୋଲିକ)ଙ୍କୁ ହତ୍ୟା କରାଗଲା । ସାରା ୟୁରୋପରେ ଇହୁଦୀ ମାନଙ୍କୁ ଘୃଣା କରି ଘେଟୋରେ ରଖାଗଲା ।

ଭିନ୍ନ ମତାବଲମ୍ବୀମାନଙ୍କୁ ନିୟନ୍ତ୍ରଣରେ ରଖିବା ପାଇଁ ପୋପ କାଥେଲିକମାନଙ୍କ Inquisition Law ପ୍ରଣୟନ ପାଇଁ ଆଦେଶ ଦେଲେ । ଏହା ବର୍ତ୍ତମାନର ତାଲିବାନ ଆଇନଠାରୁ ଆହୁରି ଜଘନ୍ୟ ଥିଲା । ସ୍ୱତନ୍ତ୍ର ବିଚାରପତି ନିଯୁକ୍ତି ପାଇଲେ । ଯେଉଁମାନେ ଠିକ୍ ଭାବେ ଧର୍ମ ଆଚରଣ କରୁନଥିବେ (Heratics, Heresy) ସେମାନଙ୍କ ପାଇଁ ବିଭିନ୍ନ ଦଣ୍ଡର ବ୍ୟବସ୍ଥା ରହିଲା । ବିଶେଷତଃ ନିୟୁ ଖ୍ରୀଷ୍ଟିଆନ (Converted Christian)ମାନେ ନିଜ ପୁରୁଣା ଧର୍ମର ବ୍ୟବସ୍ଥା ମାନୁଥିବାରୁ ଏହାର ଶିକାର ହେଉଥିଲେ । ଦଣ୍ଡ ହେଲା, ନିଆଁରେ ପୋଡି ମାରିବା, ସାଧାରଣ ଜାଗାରେ ବାନ୍ଧି ଚାବୁକ ମାରିବା, ଲୋକମାନେ ଟେକା ଫିଙ୍ଗିବା, ଛିପ ପକାଇବା, ଯାହା ଏକ ପୂଣ୍ୟ କାର୍ଯ୍ୟ ବୋଲି ବିବେଚିତ ଥିଲା । ନିର୍ଜନ କାରାବାସ, ଦେଶାନ୍ତର, ଉପରୁ କଚାଡି ହାଡ ଗୋଡ ଭାଙ୍ଗି ଦେବା । ଶାସକ ମାନେ ନିଜ ବିରୋଧୀଙ୍କୁ ଏହି ସୁଯୋଗରେ ଧର୍ମଦ୍ରୋହୀ କହି ଦଣ୍ଡ ଦେଲେ । ସାରା ୟୁରୋପ ଓ ସେମାନଙ୍କର କଲୋନିମାନଙ୍କରେ ହଜାର ହଜାର ବ୍ୟକ୍ତିଙ୍କୁ ହତ୍ୟା କରାଗଲା । ପର୍ତ୍ତୁଗୀଜ ଅଧିକୃତ ଗୋଆରେ ଧର୍ମପ୍ରାଣ ସେଣ୍ଟ ଫ୍ରାନସିସ ଜାଭିଅରଙ୍କ ଆଦେଶରେ ୭୦ ଜଣଙ୍କୁ ନିଆଁରେ ପୋଡି ମାରି ଦିଆଯାଇଥିଲା । ୟୁରୋପରୁ ଏହି କଳାରାତି ନେପୋଲିଅନଙ୍କ ଆବିର୍ଭାବରେ ସମାପ୍ତ ହୋଇଥିଲା । ସେ ଆଦେଶ ଦେଇ ଏହି ଆଇନକୁ ଉଠାଇ ଦେଇଥିଲେ । ଆମର ଅତୀତକୁ ସମାଲୋଚନା କଲା ବେଳେ ସେହି ଉନ୍ନତ ଦେଶମାନଙ୍କ ଅତୀତକୁ ତୁଳନା କଲେ, ଆମ ବ୍ୟବସ୍ଥା ଯେ ତାଙ୍କ ଠାରୁ ସହସ୍ରଗୁଣ ଉଦାର ଥିଲା, ତାହା ନିଃସନ୍ଦେହରେ କୁହାଯାଇପାରିବ । ସେଥିପାଇଁ ଆମର ଅତୀତରେ ଯାହାକିଛି ଦୁର୍ବଳତା ରହିଛି, ତାହା ପାଇଁ ଲଜ୍ଜିତ ହେବାର ଆବଶ୍ୟକତା କିଛି ନାହିଁ ।


## ପିସିସି ପକ୍ଷରୁ ଉତ୍କଳମଣି ଗୋପବନ୍ଧୁଙ୍କ ଶ୍ରାଦ୍ଧ ଦିବସ ପାଳିତ

ଭୁବନେଶ୍ୱର (ପିଏନ୍- ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ପ୍ରଥମ ସଭାପତି ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧ ଦିବସ ପିସିସି ପକ୍ଷରୁ ପାଳିତ ହୋଇଯାଇଛି । ସକାଳେ ଭୁବନେଶ୍ୱର ଗୋପବନ୍ଧୁ ଛକସ୍ଥିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପିସିସି ପକ୍ଷରୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ପରେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା । ଗତକାଲିର ଏହି କାର୍ଯ୍ୟକ୍ରମରେ ନିରଂଜନ ପଟ୍ଟନାୟକ, ପ୍ରସାଦ ହରିଚନ୍ଦନ, ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ମନୋରଂଜନ ଦାଶ, ଅମିୟ ପଟ୍ଟନାୟକ, ଚିନ୍ମୟ



ସୁନ୍ଦର ଦାସ, ଜୟକୃଷ୍ଣ ସୁବୁଦ୍ଧି, ସଂକୁନା କହଁର, ମିହିର ଆଚାର୍ଯ୍ୟ, ସଂଜୟ ମିଶ୍ର, ଜ୍ୟୋତିଷ ସାହୁ, ଦେବେନ୍ଦ୍ର ପ୍ରସାଦ ଦାସ, ଭାସ୍କର ଚନ୍ଦ୍ର ସେଠୀ, ଆଲୋକ ମହାନ୍ତି, କୁଳମଣି ସାହୁ ପ୍ରମୁଖ ଉପସ୍ଥିତ ରହି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଂଜଳି ଅର୍ପଣ କରିଥିଲେ ।

## ପ୍ରଖ୍ୟାତ ଅବଧୂତ ଗୁରୁ ରଘୁବାବାଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବାରୋ ପଞ୍ଚାୟତର ତ୍ରିଲୋଚନପୁର ଗ୍ରାମସ୍ଥିତ ଶ୍ରୀ ଶ୍ରୀ ସିଦ୍ଧ ଅକ୍ଷୟ ବଟ ମହାପୁରୁଷଙ୍କ ପୀଠସ୍ଥଳିରେ କେନ୍ଦ୍ରାପଡା ମାଟିର ଜଣେ ପ୍ରତିଷ୍ଠିତ ମହାଜ୍ଞାନୀ ଅବଧୂତ ବ୍ରହ୍ମଲୀନ ସନ୍ଥ ରଘୁବାବାଙ୍କର ପ୍ରତିମୂର୍ତ୍ତି ପ୍ରତିଷ୍ଠା କରାଯାଇଛି । ଗୋପବନ୍ଧୁ ରାଉତଙ୍କ ପ୍ରଚେଷ୍ଟାରେ ଗ୍ରାମ ଏବଂ ଅଞ୍ଚଳର ଶ୍ରଦ୍ଧାଳୁ ଭକ୍ତ ମାନଙ୍କ ସହଯୋଗରେ ଶିଳ୍ପୀ ଶ୍ରୀଧର ରାଉତଙ୍କ ଦ୍ୱାରା ଏହି ପ୍ରତିମୂର୍ତ୍ତି ନିର୍ମିତ୍ତ ହୋଇଛି । ଗରାପୁର ଦିବ୍ୟଜୀବନ ସଙ୍ଘ ଶିବାନନ୍ଦ ଆଶ୍ରମର ଅଧକ୍ଷା ଶ୍ରୀମା ଦିବ୍ୟ ସ୍ୱରୂପାନନ୍ଦ ସରସ୍ୱତୀଙ୍କ ଦ୍ୱାରା ଏହି ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଥିଲା । ଏହି ପ୍ରତିମୂର୍ତ୍ତି ପ୍ରତିଷ୍ଠା କାର୍ଯ୍ୟକ୍ରମରେ ଆନନ୍ଦମାର୍ଗର ଅବଧୂତ ସନ୍ଥ ବିକିଶା ନନ୍ଦଙ୍କ ସହିତ ବ୍ରହ୍ମଚାରୀ ନୃସିଂହ ଦାସ ଏବଂ ଯଜ୍ଞାଚାର୍ଯ୍ୟ ପଣ୍ଡିତ ଗଗନ କୁମାର ଆଚାର୍ଯ୍ୟ ପୂଜାପାଠରେ ସହଯୋଗ କରିଥିଲେ । ପ୍ରତିଷ୍ଠା ଉତ୍ସବରେ ଗ୍ରାମବାସୀ ଓ ସେହି ଅଞ୍ଚଳର ଭକ୍ତ ବଳରାମ ରାଉତ, ବିଷ୍ଣୁ ସ୍ୱାଇଁ, ବିଷ୍ଣୁ ଯେନା, ପ୍ରକାଶ ପ୍ରଧାନ, ସାବିତ୍ରୀ ପରିଡା, ଅମ୍ବିକା ବେହେରା, ଚିତ୍ରସେନ ପାଳ, ଶତୃଘନ ବିଶ୍ୱାଳ, ବୈକୁଣ୍ଠ ପ୍ରଧାନ, ରମେଶ ପ୍ରଧାନ, ନିତ୍ୟାନନ୍ଦ ରାଉତ, ଅକ୍ଷୟ ରାଉତ, ନିରଞ୍ଜନ ପ୍ରଧାନ, କାର୍ତ୍ତିକ ପ୍ରଧାନ, କୈଳାସ ପ୍ରଧାନ, ଗଗନ ସିଂ, ସଞ୍ଜୟ ବାରିକ, ଶ୍ୟାମସୁନ୍ଦର ପ୍ରଧାନ, ମୁଣି, ସାଣ୍ଟା, ମହେନ୍ଦ୍ର ପ୍ରମୁଖ ଭକ୍ତମାନେ ଯୋଗଦେଇ ପ୍ରତିମୂର୍ତ୍ତିରେ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ ।

# ଉତ୍କଳମଣି ଗୋପବନ୍ଧୁଙ୍କ ସେବା ଓ ତ୍ୟାଗର ତୁଳନା ନାହିଁ



ରାଉରକେଲା (ପିଏନ): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ସମାଜ ସଂସ୍କାରକ ତଥା ଓଡିଶା ପ୍ରଦେଶ କଂଗ୍ରେସର ପ୍ରଥମ ସଭାପତି ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ । ତାଙ୍କର ନୀତି ଓ ଆଦର୍ଶ ତଥା କାର୍ଯ୍ୟକ୍ରମ ଯୁଗ ଯୁଗ ପାଇଁ ଓଡିଆ ଜାତିକୁ ଅନୁପ୍ରେରିତ କରିବ ବୋଲି ଗତକାଲି ତାଙ୍କ ୯୪ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ଜିଲ୍ଲା କଂଗ୍ରେସ ତରଫରୁ ଅନୁଷ୍ଠିତ ଶ୍ରଦ୍ଧାଂଜଳି ଜ୍ଞାପନ କାର୍ଯ୍ୟକ୍ରମରେ କୁହାଯାଇଛି । ଜିଲ୍ଲା କଂଗ୍ରେସର ଭାରପ୍ରାପ୍ତ ସଭାପତି ଦେବବ୍ରତ ବିହାରୀଙ୍କ ଅଧକ୍ଷତାରେ ସ୍ଥାନୀୟ ଗୋପବନ୍ଧୁପାଲ୍ଲୀଠାରେ ଅବସ୍ଥିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ଏହି ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିବା ବେଳେ କଂଗ୍ରେସର ବରିଷ୍ଠ ନେତୃବୃନ୍ଦ ଓ କର୍ମକର୍ତ୍ତାମାନେ ଉପସ୍ଥିତ ରହି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଏହି ଅବସରରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତି, ରଘୁନାଥପାଲ୍ଲୀର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ସେଠୀ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ଜିଲ୍ଲା କଂଗ୍ରେସ ଉପସଭାପତି ସନ୍ତୋଷ ବିଶ୍ୱାଳ ଓ କୀର୍ତ୍ତନ ଦାସ, ପୂର୍ବତନ ପିସିସି ସମ୍ପାଦକ ଗଣେଶ ପ୍ରଧାନ ଓ ସବୀର ହୁସେନ, ମହିଳା କଂଗ୍ରେସ ସଭାନେତ୍ରୀ ନିରୂପମା ବଳିୟାରସିଂ ପ୍ରମୁଖ ବକ୍ତବ୍ୟ ରଖି ପଣ୍ଡିତଜୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ତାଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ କଂଗ୍ରେସ କର୍ମୀମାନେ ନିଜ ନିଜକୁ ସମାଜର ଅବହେଳିତ, ନିଷ୍ପେଷିତ ବର୍ଗଙ୍କ ସେବାରେ ନିୟୋଜିତ କରିଲେ ତାହା ପଣ୍ଡିତଜୀଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଂଜଳି ହେବ ବୋଲି ନେତୃବୃନ୍ଦ ପ୍ରକାଶ କରିଥିଲେ । ଜିଲ୍ଲା କଂଗ୍ରେସ ସଭାପତି କଳ୍ପତରୁ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିବା ବେଳେ ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଇନଟକ ଅଧକ୍ଷ ନିହାର ଦାସ, ମୁଖପାତ୍ର କୈଳାସ ସାହୁ, ଓବିସି ଅଧକ୍ଷ ବୈଲୋଚନ ସାହୁ, ସାମାଜିକ ଗଣମାଧମ ଉପାଧକ୍ଷ ସୁଧୀର ନାଥ, କାର୍ଯ୍ୟନିର୍ବାହୀ ସଦସ୍ୟ ଦିଲ୍ଲିପ ଜେନା, ଭାସ୍କର ଖିଲ୍ଲାର ଓ ରୁକସାନା ବେଗମ, ମହିଳା କଂଗ୍ରେସର ନିର୍ମଳା ମହାପାତ୍ର, ସେବାଦଳର ବୁଲୁ ଦାସ, ବ୍ଲକ୍ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀ, ବରିଷ୍ଠ ନେତା ବିପିନ ଠାକୁର, ଡେଭିଡ ପ୍ରଧାନ, ଯୁବନେତା ଶେକ ସମିର, ଆଇତା ବାହାଦୁର, ପପୁ ଖାନ, ମୋତିଲାଲ ସାହୁ, ରେହେମାନ ଖାନ ପ୍ରମୁଖଙ୍କ ସମେତ ବହୁ କଂଗ୍ରେସ କର୍ମୀ ଅଂଶଗ୍ରହଣ କରିଥିବା ବେଳେ ଛେଣ୍ଡ କଲୋନୀଠାରେ ୭ ନମ୍ବର ବ୍ଲକ୍ କଂଗ୍ରେସ ସଭାପତି ବିଜୟ ଆପଟଙ୍କ ନେତୃତ୍ୱରେ କଂଗ୍ରେସ ମୁଖପାତ୍ର ଗିରିଜାଶଙ୍କର ମିଶ୍ର, କଂଗ୍ରେସ ନେତା ବସନ୍ତ ସାମଲ, ବନଲତା ବେହେରା, ଧର୍ମେନ୍ଦ୍ର ପରମାର, ଏମ୍ଡି ନିଜାମ ପ୍ରମୁଖ ଉପସ୍ଥିତ ରହି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

## ବହୁଚର୍ଚ୍ଚିତ ବାବୁଲି ମହାରଣାଙ୍କୁ ହତ୍ୟା ଉଦ୍ୟମର ମୁଖ୍ୟ ଅଭିଯୁକ୍ତ ଗିରଫ



କେନ୍ଦ୍ରାପଡ଼ା (ପିଏନ୍): ଗତ ୨୦୨୪ ମସିହାରେ ବାବୁଲି ମହାରଣାଙ୍କୁ ହତ୍ୟା ଉଦ୍ୟମ ଘଟଣାର ୨ମୁଖ୍ୟ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି । କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ରାମନଗରପାଟଣାସ୍ଥିତ ଶ୍ରୀରାମ ଟ୍ରାକ୍ଟର ସୋରୁମର ମାଲିକ ବିବେକାନନ୍ଦ ମହାରଣାଙ୍କୁ ତାଙ୍କ ସୋରୁମରେ ୨୦୨୧ ମସିହା ଜୁଲାଇ ମାସ ୧୪ ତାରିଖରେ ଗୁଳି ମାରି ହତ୍ୟା ଉଦ୍ୟମ କରାଯାଇଥିଲା । ପୂର୍ବରୁ ମଧ ତାଙ୍କ ଉପରେ ଆକ୍ରମଣ କରାଯାଇଥିବାରୁ ପୋଲିସ ପକ୍ଷରୁ ତାଙ୍କୁ ସୁରକ୍ଷା ଯୋଗାଇ ଦିଆଯାଇଥିଲା । ଏହି ଘଟଣାକୁ ନେଇ ବିବେକାନନ୍ଦଙ୍କ ସୁରକ୍ଷା କର୍ମୀ ମାନସରଞ୍ଜନ ମହାନ୍ତି ଦୁର୍ବୃତଙ୍କ ନାମରେ କେନ୍ଦ୍ରାପଡା ସଦର ଥାନାରେ ଲିଖିତ ଏତଲା ଦେଇଥିଲେ । ଏଥିନେଇ ଥାନା ପକ୍ଷରୁ ୩୧୯୫/୨୧ରେ ଏକ ମାମଲା ରୁଜୁ କରାଯାଇଥିଲା । ଏହି ଗୁଳିମାଡ ଘଟଣାରେ ମୋଟ ୯ଜଣ ଅଭିଯୁକ୍ତ ସଂପୃକ୍ତ ଥିବାବେଳେ ସେମାନଙ୍କ ମଧ୍ୟରୁ ୫ଜଣଙ୍କୁ ପୂର୍ବରୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଅନ୍ୟ ୪ଜଣ ଅଭିଯୁକ୍ତ ଦୀର୍ଘଦିନ ଧରି ଫେରାର ଥିଲେ । ସେମାନଙ୍କ ମଧ୍ୟରୁ ମୁଖ୍ୟ ଅଭିଯୁକ୍ତ ଟାଉନ ଥାନା ଅନ୍ତର୍ଗତ ଜୟୀପୁରା ଗ୍ରାମର ସେକ ମହତାବ ଓ ତାଜୁଉଦ୍ଦିନ ଖାନ ଘରେ ଥିବାର କୌଣସି ସୁତ୍ରରୁ ପୋଲିସ ଖବର ପାଇଥିଲା । ସଦର ଥାନା ଅଧିକାରୀ ପବିତ୍ର କୁମାର ମହାରଣାଙ୍କ ନିର୍ଦ୍ଦେଶରେ ସଦର ଥାନା ପୋଲିସ ଅଭିଯୁକ୍ତଙ୍କ ଘରେ ଚଢାଉ କରି ସେମାନଙ୍କୁ ଗିରଫ କରିଥିଲେ । ଏହି ୨ ଅଭିଯୁକ୍ତଙ୍କୁ ସଦର ଥାନା ପୋଲିସ କୋର୍ଟ ଚାଲାଣ କରିଥିବା ଜଣାପଡିଛି । ଅଭିଯୁକ୍ତ ଦ୍ୱୟଙ୍କ ନାମରେ ଜିଲ୍ଲା ଏବଂ ଜିଲ୍ଲା ବାହାରର ବିଭିନ୍ନ ଥାନାରେ ବହୁ ମାମଲା ରହିଥିବା ପୋଲିସଠାରୁ ସୂଚନା ମିଳିଛି । କୋର୍ଟରେ ଅଭିଯୁକ୍ତ ଦ୍ୱୟଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବାରିମୂଳ ଉପକାରାଗାରାକୁ ପଠାଇଦିଆଯାଇଥିବା ଜଣାପଡିଛି । କିନ୍ତୁ ଏହି ମାମଲାରେ ଅନ୍ୟ ୨ଜଣ ଅଭିଯୁକ୍ତ ଏବେ ମଧ ଫେରାର ଥିବା ଜଣାପଡିଛି ।

# ମହାସାଗରର ଜୈବ ବିବିଧତା ସୁରକ୍ଷା ପାଇଁ ନିବେଦନ କଲେ ପରିବେଶବିତ୍

ଭୁବନେଶ୍ୱର (ପିଏନ୍): ପ୍ରତିବର୍ଷ ଭଳି ଚଳିତବର୍ଷ ପାଳିତ ହୋଇଛି ବିଶ୍ୱ ମହାସାଗର ଦିବସ । ଆମର ଦୈନନ୍ଦିନ ଜୀବନରେ ଏହାର ଭୂମିକାକୁ ସ୍ମରଣ କରିବା ପାଇଁ ଏଭଳି ଏକ ଦିବସ ପାଳନର ରହିଛି ପରିକଳ୍ପନା । ଏଥିନେଇ ରାଜଧାନୀ ଭୁବନେଶ୍ୱରର ପରିବେଶବିତ୍ ସୁଶାନ୍ତ ସାହୁ ବିଭିନ୍ନ ରଙ୍ଗର ମୁରୁଜକୁ ବ୍ୟବହାର କରି ତିଆରିଛନ୍ତି ଏକ ମହାସାଗରର ଚିତ୍ର । ଚିତ୍ରଟିରେ ପ୍ଲାଷ୍ଟିକ ବର୍ଜ୍ୟ ଦ୍ୱାରା ମହାସାଗରରେ ଉଦ୍ଭିଦ ଓ ଜୀବ କିଭଳି ପ୍ରଭାବିତ ହେଉଛନ୍ତି ତାହା ସେ ଦର୍ଶାଇବାକୁ ପ୍ରୟାସ କରିଛନ୍ତି । ବିଶ୍ୱ ବ୍ରହ୍ମାଣ୍ଡ ଲୋଡୁଥିବା ଅମ୍ଳଜାନ ମଧ୍ୟରୁ ୫୦ ପ୍ରତିଶତ ଅମ୍ଳଜାନ ଦେଇଥାଏ ମହାସାଗର । ପୁଣି ମଣିଷ ନିର୍ଗତ କରୁଥିବା ୩୦ ପ୍ରତିଶତ ଅଙ୍ଗାରକାମ୍ଳ ଶୋଷି ନେବାରେ ଏହାର ଅବଦାନ ଥାଏ । ମହାସାଗରକୁ ବିଶ୍ୱର ଜୈବବିବିଧତାର ଘର ବୋଲି କୁହାଯାଏ । ବିଶ୍ୱର ବିଲିୟନ ସଂଖ୍ୟକ ଲୋକଙ୍କ ପୁଷ୍ଟିର ଉତ୍ସ ପାଲଟିଥିବା ମହାସାଗର ୪୦ ମିଲିୟନ ଲୋକଙ୍କୁ ଜୀବିକା ମଧ ଦେଇଛି । ସଂସାର ଯାକର ଜଳବାୟୁକୁ ନିୟନ୍ତ୍ରିତ କରୁଥିବା ମହାସାଗର ଏବେ ନିଜେ ଭୟଙ୍କର ବିପଦ ଦେଇ ଗତି କରୁଛି ବୋଲି କହିଛନ୍ତି ପରିବେଶବିତ୍ ସୁଶାନ୍ତ ସାହୁ । ବିଶ୍ୱ ମହାସାଗର ଦିବସ ଅବସରରେ ନିଜ ପ୍ରତିକ୍ରିୟା ଦେଇ ସୁଶାନ୍ତ କହିଛନ୍ତି ଯେ, ମାତ୍ରାଧିକ ପ୍ଲାଷ୍ଟିକ୍ ବର୍ଜ୍ୟରେ ମହାସାଗରର ପରିବେଶ କ୍ଷତିଗ୍ରସ୍ତ ହୋଇଛି । ଟନ୍ ଟନ୍ ପ୍ଲାଷ୍ଟିକ ଭାସୁଥିବାରୁ ଜଳ, ଶୈବାଳ ଓ ଜଳଜ ପ୍ରାଣୀ ବିପଦରେ ପଡ଼ିଛନ୍ତି । ୯୦ ପ୍ରତିଶତ ବଡ଼ମାଛ ଉତ୍ପାଦନ ବାଧାପ୍ରାପ୍ତ ହୋଇଛି । ଏସବୁକୁ ଦୃଷ୍ଟିରେ ଦେଖିଲେ ବ୍ରହ୍ମାଣ୍ଡର ୭୦ ପ୍ରତିଶତ ଅଞ୍ଚଳକୁ ଆଚ୍ଛାଦିତ କରିଥିବା ମହାସାଗରର ସୁରକ୍ଷା ଓ ସଂରକ୍ଷଣ ଜରୁରୀ ହୋଇପଡ଼ିଛି ବୋଲି କହିଛନ୍ତି ସୁଶାନ୍ତ ।

# ବ୍ରହ୍ମା କୁମାରୀ ଗୀତା ପାଠଶାଳାର ରୌପ୍ୟ ଜୟନ୍ତୀ ସମାରୋହ



ଗଞ୍ଜାମ, (ପି.ଏନ): ପ୍ରଜାପିତା ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଶାନ୍ତି ଶକ୍ତି ଭବନ ଦ୍ୱାରା ସ୍ଥାପିତ ତଥା ପରିଚାଳିତ ପିତଳ ତେଲିସାହି ସ୍ଥିତ ବ୍ରହ୍ମାକୁମାରୀ ଗୀତା ପାଠଶାଳାର ସ୍ଥାପନାର ୨୫ତମ ସ୍ୱନକ୍ଷତ୍ର ଦିବସ ତଥା ରୌପ୍ୟ ଜୟନ୍ତୀ ମହା ସମାରୋହରେ ପାଳିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଏକ ବର୍ଣ୍ଣାଢ୍ୟ ପରିବେଶରେ ଶାନ୍ତି ଶକ୍ତି ଭବନ ସଂଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ ଭଉଣୀ ତଥା ବରିଷ୍ଠ ସାମ୍ବାଦିକ ଡକ୍ଟର ହୃଷୀକେଶ ମହାନ୍ତିଙ୍କ କରକମଳରେ ଶିବଧ୍ୱଜା ଉତୋଳନ କରିବା ପରେ ଶତାଧିକ ଭଉଣୀ ଭାଇ ଶିବ ସନ୍ଦେଶ ଦେବା ଉଦ୍ଦେଶ୍ୟରେ ଶାନ୍ତି ଯାତ୍ରାରେ ପିତଳ, ଓଥର, ବ୍ରାହ୍ମଣ ଛାଇ, ଆମ୍ବିଳାପଲ୍ଲୀ ଓ ପଙ୍କଳବାଡି ଆଦି ଗ୍ରାମ ପରିକ୍ରମା କରିଥିଲେ । ସନ୍ଧ୍ୟାରେ ପିତଳ ତେଲି ସାହି ସ୍ଥିତ ଗୀତା ପାଠଶାଳା ସମ୍ମୁଖରେ ଏକ ଆଧ୍ୟାତ୍ମିକ ସ୍ନେହ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଥିଲେ ଗଞ୍ଜାମ ଜିଲ୍ଲା ପରିଷଦ ଅଧକ୍ଷା ଅଞ୍ଜଳୀ ସ୍ୱାଇଁ ଏବଂ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ ଧରାକୋଟର ପୂର୍ବତନ ସରପଂଚ ମନୋଜ ସ୍ୱାଇଁ, ବରିଷ୍ଠ ସାମ୍ବାଦିକ ଡକ୍ଟର ହୃଷୀକେଶ ମହାନ୍ତି, ଜିଲ୍ଲା ପରିଷଦ ପ୍ରତିନିଧି ବରୁଣ କୁମାର ପଲାଇ । କାର୍ଯ୍ୟକ୍ରମର ମୁଖ୍ୟବକ୍ତା ରାଜ ଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ ଭଉଣୀ ପ୍ରକାଶ କରିଥିଲେ ଯେ, ସହଜ ରାଜଯୋଗ ଅଭ୍ୟାସ କରି ବିଗତ ୨୫ ବର୍ଷ ମଧରେ ପିତଳ ଗ୍ରାମପଂଚାୟତର ଶତାଧିକ ଭଉଣୀ ଭାଇଙ୍କ ସରଳ, ନିରାଡମ୍ବର, ସାତ୍ୱିକ ଜୀବନଶୈଳୀ ଅଂଚଳବାସୀଙ୍କ ପାଇଁ ଆଦର୍ଶ ବନିଛି । ସମ୍ମାନିତ ଅତିଥି ଧରାକୋଟ ପୂର୍ବତନ ସରପଂଚ ମନୋଜ ସ୍ୱାଇଁ ଓ ବରିଷ୍ଠ ସାମ୍ବାଦିକ ଡକ୍ଟର ହୃଷୀକେଶ ମହାନ୍ତି ବ୍ରହ୍ମାକୁମାରୀ ମୁଖ୍ୟାଳୟ ମାଉଂଟ ଆବୁ ଦର୍ଶନ ସମୟର ଅନୁଭୁତି ପ୍ରକାଶ କରିଥିଲେ । ସମସ୍ତଙ୍କ ଗହଣରେ ରଜତ ଜୟନ୍ତୀ ଉପଲକ୍ଷେ ପରମାତ୍ମାଙ୍କ ସ୍ମୃତିରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ବ୍ରହ୍ମାକୁମାର ସତ୍ୟପ୍ରିୟ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବ୍ରହ୍ମାକୁମାର ପଂଚାନନ, ପଂଚାୟତ୍ରି, ରାମପ୍ରସାଦ, ଲୋଚନ, ରାଧାଶ୍ୟାମ ଓ ବ୍ରହ୍ମାକୁମାରୀ ଲୀଳା, ଭାଗ୍ୟ, ସୁଜ୍ଞାନୀ, ସ୍ମିତା, ସୁମିତ୍ରା, କସ୍ତୁରି, ସବିତା ତଥା ଅନ୍ୟାନ୍ୟ ଭଉଣୀ ଭାଇ ପରିଚାଳନାରେ ସହଯୋଗ କରିଥିଲେ ।

## ମୀର ଅହମ୍ମଦ ଅଲ୍ଲୀ ହେଲେ ପ୍ରେରଣା ରାଜ୍ୟ ଯୁବସଂଯୋଜକ

ଭୁବନେଶ୍ୱର (ପିଏନ୍). : ସର୍ବଦା ସବୁଜ ସୁନ୍ଦର ପରିବେଶ ପାଇଁ କାମ କରୁଥିବା 'ପ୍ରେରଣା' ଅନୁଷ୍ଠାନ ତାର ରାଜ୍ୟ ଯୁବ ସଂଯୋଜକ ରୂପେ ଯୁବ ସାମାଜିକ କର୍ମୀ ମୀର ଅହମ୍ମଦ ଅଲ୍ଲୀଙ୍କୁ ଦାୟିତ୍ୱ ପ୍ରଦାନ କରିଛି । ପରିବେଶ ଦିବସରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଶ୍ରୀଯୁକ୍ତ ଅଲ୍ଲୀଙ୍କୁ 'ପ୍ରେରଣା ଗ୍ରୀନ୍ କମାଣ୍ଡାଣ୍ଟ' ରୂପେ ସମ୍ମାନିତ କରିବା ସହ ରାଜ୍ୟ ଯୁବ ସଂଯୋଜକ ରୂପେ ଘୋଷଣା କରିଥିଲେ 'ପ୍ରେରଣା'ର ଅଧକ୍ଷ ତଥା ଖୋର୍ଦ୍ଧାର ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ଦିଲ୍ଲୀପ ଶ୍ରୀଚନ୍ଦନ । ଶ୍ରୀଯୁକ୍ତ ଅଲ୍ଲୀ ଏହି ପ୍ରେରଣା ଅନୁଷ୍ଠାନ ସହ ଜଡ଼ିତ ହୋଇ ଦୀର୍ଘଦିନ କରିଥିବା କାର୍ଯ୍ୟକୁ ଶ୍ରୀଯୁକ୍ତ ଶ୍ରୀଚନ୍ଦନ ଭୂୟସୀ ପ୍ରଶଂସା କରିଥିଲେ । ଏହି କାର୍ଯ୍ୟକ୍ରମରେ 'ସମ୍ବାଦ'ର ସମ୍ପାଦକ ତଥା ଖଣ୍ଡପଡ଼ାର ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ସୌମ୍ୟରଞ୍ଜନ ପଟ୍ଟନାୟକ, ବରିଷ୍ଠ ରାଜନେତା ତଥା ଜଟଣୀର ମାନ୍ୟବର ବିଧାୟକ ସୁରେଶ କୁମାର ରାଉତରାୟ, ପୂର୍ବତନ ଶାସନ ସଚିବ ସହଦେବ ସାହୁ, ଚଳଚ୍ଚିତ୍ର ଅଭିନେତା ଚନ୍ଦନ କର ପ୍ରମୁଖ ଉପସ୍ଥିତ ଥିଲେ ।


## ଜାରକାରେ ବିଶ୍ୱ ଯୋଗ ଦିବସ ପାଳିତ



ଧର୍ମଶାଳା (ପିଏନ୍): ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମ ପରିସରରେ ପତଂଜଳି ଯୋଗ ସମିତି ଧର୍ମଶାଳା ଶାଖା, ଇନର ହୁଇଲ କ୍ଲବ ଓ ରୋଟାରୀ କ୍ଲବର ମିଳିତ ଆନୁକୁଲ୍ୟରେ ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି । ସକାଳ ୭ ଘଟିକା ସମୟରେ ଜାରକା ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ଯୋଗ ଶିବିରରେ ଇନର ହୁଇଲ କ୍ଲବର ପୂର୍ବତନ ସଭାପତି ମିନତୀ ସାହୁ ପୌରୋହିତ୍ୟ କରିଥିଲେ । ଏହି ଶିବିରକୁ କଟକ ଡିଏସପି ଅମିତାଭ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ପ୍ରତ୍ୟେହ ୧ ଘଂଟା ଯୋଗାଭ୍ୟାସ କଲେ ଜୀବନ ନିରୋଗ ମଣିଷ ନିରୋଗ ରହିପାରିବ ବୋଲି ସେ କହିଥିଲେ । ଅବସରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଜୟ କୁମାର ଶତପଥୀ, ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସୁଧିର କୁମାର ସାହୁ, ନେହେରୁ ଯୋଗକେନ୍ଦ୍ରର ସଂଯୋଜକ ବାସୁଦେବ ଦେଓ ଦାସ, ପତଂଜଳି ଯୋଗ ସମିତିର ସଂଯୋଜକ କ୍ୟାପଟେନ ତ୍ରିଲୋଚନ ବିଶ୍ୱାଳ, ରୋଟାରୀ କ୍ଲବ ସଭାପତି ନିରଂଜନ ପାଣିଗ୍ରାହୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଯୋଗର ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ । ଯୋଗ ଶିକ୍ଷକ ପ୍ରମୋଦ ମଲିକ ବିଭିନ୍ନ ଯୋଗ କପାଳ ଭାରତୀ, କୁମ୍ଭିକା, ଅଗ୍ନିସାର, ଅନୁଲୋମ, ବିଲୋମ ଆଦି ଯୋଗାଭ୍ୟାସ କରିଥିଲେ । ଉପସ୍ଥିତ ଶିବିରାର୍ଥୀମାନେ ଏହାକୁ ଅନୁକରଣ କରି ଯୋଗାଭ୍ୟାସ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଇନରହୁଇଲ ସଭାପତି ମାଧୁରୀ ଶତପଥୀ, ଆଜାମ୍ବର ସାହୁ, ଜୟପ୍ରକାଶ ତ୍ରିପାଠୀ, ରମାକାନ୍ତ ଜେନା, ବଟକୃଷ୍ଣ ପରିଡା, ସୁରେନ୍ଦ୍ର ପାଣି, ଲୋପାମୁଦ୍ରା ଷଣ୍ଢ, ପ୍ରଭାତି ବିଶ୍ୱାଳ, ସୁକାନ୍ତ ସ୍ୱାଇଁ ଓ ଚନ୍ଦନ ନାୟକ ପ୍ରମୁଖ ଯୋଗଦେଇଥିଲେ । ଏହି ଶିବିରରେ ଶତାଧିକ ପୁରୁଷ, ମହିଳା ଓ ଛାତ୍ରଛାତ୍ରୀ ଯୋଗଦେଇ ଯୋଗାଭ୍ୟାସ କରିଥିଲେ ।

## କେନ୍ଦ୍ରାପଡା ଅର୍ବାନ ବ୍ୟାଙ୍କର ୭ ନିର୍ଦ୍ଦେଶକ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

କେନ୍ଦ୍ରାପଡ଼ା (ପିଏନ୍): ପୂର୍ବତନ ମନ୍ତ୍ରୀ ସ୍ୱର୍ଗତଃ ଭାଗବତ ପ୍ରସାଦ ମହାନ୍ତିଙ୍କ ଦ୍ୱାରା ପ୍ରତିଷ୍ଠିତ କେନ୍ଦ୍ରାପଡା ଅର୍ବାନ କୋ-ଅପରେଟିଭ ବ୍ୟାଙ୍କ ପରିଚାଳନା ପରିଷଦ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ଗତ ମାସ ୬ ତାରିଖରେ ବ୍ୟାଙ୍କର ୧୫ଟି ଜୋନର ନିର୍ବାଚନ ମଣ୍ଡଳୀ ପାଇଁ ପ୍ରାର୍ଥୀପତ୍ର ଦାଖଲ ସମ୍ପୂର୍ଣ୍ଣ ହୋଇଥିଲା । ପ୍ରାର୍ଥୀପତ୍ର ଯାଞ୍ଚ ପରେ ସ୍ୱର୍ଗତଃ ମହାନ୍ତିଙ୍କ ସୁପୁତ୍ର ଗୁରୁ ପ୍ରସାଦ ମହାନ୍ତିଙ୍କ ନେତୃତ୍ୱରେ ମନୋନୟନ ପତ୍ର ଦାଖଲ କରିଥିବା ପ୍ରାର୍ଥୀଙ୍କ ମଧ୍ୟରୁ ୧ନମ୍ବର ଜୋନ୍‌ରେ ରଶ୍ମିରଞ୍ଜନ ଚୌଧୁରୀ, ୨ରେ ଶ୍ରୀକାନ୍ତ ନାୟକ, ୪ରେ ଡ଼ଃ ଅଧିକାରୀ ଲକ୍ଷ୍ମୀନାରାୟଣ ଦାସ, ୯ରେ ଡ଼ଃ ଅପର୍ଣ୍ଣା ମହାନ୍ତି, ୧୦ରେ ପ୍ରଫୁଲ୍ଲ କୁମାର ସାହୁ, ୧୧ରେ ବିଧୁ ଭୂଷଣ ମହାପାତ୍ର ଓ ୧୪ ନମ୍ବର ଜୋନରେ ମହେନ୍ଦ୍ର କୁମାର ପରିଡା ପ୍ରମୁଖ ୭ଜଣ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ବ୍ୟାଙ୍କ ପରିଚାଳନା ପରିଷଦର ନିର୍ଦ୍ଦେଶକ ଭାବେ ନିର୍ବାଚିତ ହୋଇଛନ୍ତି । ଗୁରୁ ପ୍ରସାଦ ମହାନ୍ତି ଜଣେ ଅବସରପ୍ରାପ୍ତ ଉଚ୍ଚପଦସ୍ଥ ବ୍ୟାଙ୍କ ଅଧିକାରୀ ହୋଇଥିବାରୁ ତାଙ୍କ ନେତୃତ୍ୱରେ ବ୍ୟାଙ୍କର ସୁପରିଚାଳନା ସଠିକ ଓ ନିଷ୍ଠାପର ଭାବରେ ହୋଇପାରିବ ବୋଲି ବୁଦ୍ଧିଜୀବୀ-ମାନେ ଆଶାବ୍ୟକ୍ତ କରିଛନ୍ତି ।




ଭୁବନେଶ୍ୱର, ୨୦୨୪, ନଭେମ୍ବର ୨୪

# ପ୍ରଥମାଷ୍ଟମୀ


ପୁଷ୍ପମିତ୍ର ମହାପାତ୍ର

ପ୍ରଥମାଷ୍ଟମୀ ବା ପଢୁଆଷ୍ଟମୀ ଓଡ଼ିଶାର ଏକ ପାରମ୍ପରିକ ପର୍ବ । ଓଡ଼ିଆ ପାଞ୍ଜି ଅନୁସାରେ ମାର୍ଗଶିର ମାସ କୃଷ୍ଣପକ୍ଷର ଅଷ୍ଟମୀ ତିଥିରେ ଏହି ପର୍ବ ପାଳିତ ହୋଇଥାଏ । ଏହି ଦିନ ବଂଶର ପ୍ରଥମ ଜାତ ସନ୍ତାନ ବା ଜ୍ୟେଷ୍ଠ ପୁତ୍ର/ପୁତ୍ରୀଙ୍କର ନବବସ୍ତ୍ର ପରିଧାନ, ବନ୍ଦାପନା ଆଦି ହୁଏ । ଏହା ଲିଙ୍ଗରାଜ ମହାପ୍ରଭୁଙ୍କର ଗୋଟିଏ ଯାତ୍ରା ଦିବସ । ଏହି ଦିନରେ ପରିବାରର ଜ୍ୟେଷ୍ଠ ସନ୍ତାନଙ୍କ ସୁଖ ସମୃଦ୍ଧି ଓ ଦୀର୍ଘ ଜୀବନ କାମନା କରି ପୂଜାବିଧି ଅନୁଷ୍ଠିତ ହୋଇଥାଏ । ମା'ମାନେ ଷଠୀ ଦେବୀଙ୍କର ପୂଜାର୍ଚ୍ଚନା କରିଥାନ୍ତି । ପଞ୍ଚପଲ୍ଲବ ଓ ପଞ୍ଚଶସ୍ୟରେ କଳସପୂଜା ଓ ବରୁଣ ପୂଜା ହୋଇଥାଏ । ମାର୍ଗଶୀର ମାସକୁ କେତେକ ଗଣନାକାର ଏବଂ ଐତିହାସିକ ବର୍ଷର ପ୍ରଥମ ମାସ ଭାବେ ଗ୍ରହଣ କରୁଥିବାରୁ ଏହି ମାର୍ଗଶୀର ମାସର ପ୍ରଥମ ଅଷ୍ଟମୀକୁ ପ୍ରଥମାଷ୍ଟମୀ ବୋଲି କୁହାଯାଏ । ସବୁ ମାସ ଭିତରେ ମାର୍ଗଶୀର ଶ୍ରେଷ୍ଠ ବୋଲି ଗୀତାରେ ଭଗବାନ ଶ୍ରୀକୃଷ୍ଣ – 'ମାର୍ଗଶୀର୍ଷୋଽହମ ଋତୁନାଂ କୁସୁମାକରଃ'। ଶ୍ରୀମଦ୍ ଭାଗବତ ଗୀତାରେ ଉଲ୍ଲେଖ ରହିଛି – 'ସମ୍ୱତ୍ସରୋଽସ୍ମ୍ୟ ନିମିଷ୍ୟ ମୃତୂନାଂ ମଧୁମାଧବୈ, ମାସନାଂ ମାର୍ଗଶିର୍ଷୋଽହଂ ନକ୍ଷତ୍ରାଣାଂତ୍ୱଭିଜିତ୍ ।' ଅର୍ଥାତ୍ ନିମେଷ ରହିତମାନଙ୍କର ମୁଁ ସମ୍ୱତ୍ସର, ଋତୁମାନଙ୍କର ମୁଁ ମଧୁମାଧବ, ମାସାମାଙ୍କର ମାର୍ଗଶୀର ଓ ନକ୍ଷତ୍ରମାନଙ୍କର ଅଭିଜିତ୍ ।

ଜ୍ୟେଷ୍ଠ ପୁତ୍ର କିମ୍ବା କନ୍ୟାଙ୍କୁ ନୂତନ ବସ୍ତ୍ର ପିନ୍ଧାଇ ଦିଅଁଙ୍କ ଆଗରେ ପିଢ଼ା ଉପରେ ବସାଇ ମା'ମାନେ ବନ୍ଦାପନା କରିଥାନ୍ତି । ନବବସ୍ତ୍ର ପରିଧାନ ଓ ବନ୍ଦାପନାର ଏହି ବିଶେଷ ବିଧିକୁ ପଢୁଆଁ ହେବା କହିଥାନ୍ତି । ପରମ୍ପରା ଅନୁଯାୟୀ ଏହି ଦିନ ଜ୍ୟେଷ୍ଠ ସନ୍ତାନ ପିନ୍ଧୁଥିବା ବସ୍ତ୍ର ମାମୁଁ ଘରୁ ଆସିଥାଏ । ଏଣ୍ଡୁରି ପିଠା ପ୍ରଥମାଷ୍ଟମୀର ବିଶେଷତ୍ୱ । ଏହି ପିଠା ପାଇଁ ହଳଦୀ ପତ୍ରର ବ୍ୟବହାର କରାଯାଇଥାଏ । ହଳଦୀ ପତ୍ରରେ ପ୍ରସ୍ତୁତ ଏଣ୍ଡୁରି ପିଠା ପଢୁଆଁ ହୋଇଥିବା ସନ୍ତାନକୁ ଖାଇବାକୁ ଦିଆଯାଏ । ମନ୍ଦିର ମାଳିନୀ ନଗରୀ ଭୁବନେଶ୍ୱରରେ ବିରାଜିତ ଲିଙ୍ଗରାଜ ମହାପ୍ରଭୁ ଏହି ଦିନ ତାଙ୍କ ମାମୁଁଘର ରୂପେ ପରିଚିତ କପାଳିମଠକୁ ପଢୁଆଁ ହେବା ପାଇଁ ଯାଇଥାନ୍ତି ।

ଓଡ଼ିଆ ମାଟି, ପାଣି, ପବନରେ ସବୁଠି ସବୁକ୍ଷେତ୍ରରେ ପ୍ରଥମ ପ୍ରଥା ସମାଜର ପଥପ୍ରଦର୍ଶକ ତଥା ଦିଗଦର୍ଶକ ମାନଙ୍କୁ ସମ୍ମାନ ଓ ପୂଜ୍ୟପୂଜାର ମର୍ଯ୍ୟାଦା ଦିଆଯାଇଥାଏ । ପରିବାରର ପ୍ରଥମ ଅର୍ଥାତ ଜ୍ୟେଷ୍ଠ ସନ୍ତାନକୁ ଶ୍ରଦ୍ଧା ଓ ସମ୍ମାନ କରିବା କ୍ଷେତ୍ରରେ ସେମାନଙ୍କ ପ୍ରତି ପରିବାରର ଗୁରୁ ଦାୟିତ୍ୱ ସମ୍ପର୍କରେ ସୂଚିତ କରିବା ମଧ୍ୟ ହେଉଛି ଅନ୍ୟତମ ଏହାର ଭାବାର୍ଥ । ତେବେ ଯାହାହେଉନା କାହିଁକି ପ୍ରଥମାଷ୍ଟମୀରେ ସକାଳର ପ୍ରଥମ ସୂର୍ଯ୍ୟର ପୁଲକରେ ଜ୍ୟେଷ୍ଠ ସନ୍ତାନକୁ ସ୍ନାନ ଓ ଦେବାଳୟରେ ଠାକୁରଙ୍କ କୃପାପ୍ରାପ୍ତି ସହ ସମସ୍ତଙ୍କ ଶୁଭାଶୀର୍ବାଦ ନେବା ଚେତନା ହେଉଛି ଓଡ଼ିଆ ପ୍ରଥମାଷ୍ଟମୀରେ ମୂଳଭିତ୍ତି ।

*ଆଇନ୍‌ଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,*
*ଦୂରଭାଷ : ୯୪୩୭୨୨୫୬୮୯*

# ମତ୍ସ୍ୟ ଦିବସ


ବିପିନ ବିହାରୀ ରାଉତ

ଭଗବାନ ବିଷ୍ଣୁଙ୍କର ମକର ଏକ ଅବତାର । ଗୀତା, କୋରାନ ଓ ବାଇବେଲ୍‌ରେ ମାଛ ସମ୍ପର୍କରେ ବର୍ଣ୍ଣନା ରହିଛି । କୌଣସି ଏକ ସ୍ଥାନରୁ ବାହାରବା ବେଳେ ମାଛ ଦେଖିଗଲେ କାର୍ଯ୍ୟ ଶୁଭ ହୁଏ । ଗୃହରେ ଜୀବନ୍ତ ମାଛ ରଖିଲେ ସର୍ବବିଧ ମଙ୍ଗଳ ହୁଏ । ମାଛରୁ ବିଭିନ୍ନ ପ୍ରକାର ଔଷଧ ତିଆରି ହୁଏ । ମାଛ ଖାଇଲେ ଚକ୍ଷୁରୋଗ ହୁଏ ନାହିଁ ବୋଲି ଡାକ୍ତରୀ ପାଠରେ ମଧ୍ୟ ଉଲ୍ଲେଖ ଅଛି । ମାଛ ବା ମୀନ ଅତିବ ପବିତ୍ର ଅଟେ । ଏହାଦ୍ୱାରା ଆମର କି କି ଉପକାର ହୋଇଥାଏ, ଆମେ କିଭଳି ଭାବରେ ଏହାଦ୍ୱାରା ଆମ ଭିତରେ ଆଧ୍ୟାତ୍ମିକ ଭାବ ଜାଗ୍ରତ କରିଥାଉ, ମାଛ ଚାଷରୁ କିଭଳି ଭାବରେ ଅଧିକ ଅର୍ଥ ଉପାର୍ଜନ ହୋଇଥାଏ ?

ମାଛ ଏପରି ଏକ ଜୀବ ଯିଏ କି ମଣିଷର ଜୀବନ ଧାରଣା ପାଇଁ ପ୍ରତ୍ୟକ୍ଷ ଓ ପରୋକ୍ଷରେ ଅନେକ ସାହାଯ୍ୟ କରିଥାଏ । ଓଡ଼ିଶାପରି ଏକ କୃଷି ପ୍ରଧାନ ରାଜ୍ୟରେ ମତ୍ସ୍ୟ ଚାଷ ବଡ଼ ଅବଲମ୍ବନ । ସରକାରୀ ଭାବେ ମାଛ ଚାଷକୁ ଜୀବିକା ନିର୍ବାହ ପାଇଁ ଅନେକ ସହଯୋଗ ମଧ୍ୟ ପ୍ରଦାନ କରାଯାଉଛି । ଆଜିକାଲି ଅନେକ ଯୁବ ବର୍ଗ ମତ୍ସ୍ୟ ଚାଷକୁ ସ୍ୱାବଲମ୍ବନର ବଡ଼ ଦିଗ ଭାବେ ଗ୍ରହଣ କରିଛନ୍ତି । ଆମ୍ଭ ମାନଙ୍କ ଭିତରୁ ଅନେକ ଭଲ ଭାବେ ଜାଣିଛନ୍ତି ଯେ ଅନେକ ଦେବୀ ପୀଠରେ ମାଛ ଭୋଗ ହେବାର ମଧ୍ୟ ବର୍ଷ ବର୍ଷ ଧରି ପରମ୍ପରା ରହି ଆସିଛି । ଏହିଭଳି ବିଭିନ୍ନ ତଥ୍ୟକୁ ନେଇ ପ୍ରତିବର୍ଷ ନଭେମ୍ବର ମାସ ୨୧ ତାରିଖକୁ ମତ୍ସ୍ୟ ଦିବସ ରୂପେ ପାଳନ କରାଯାଇଥାଏ । ମତ୍ସ୍ୟ ଦିବସ ପାଳନ ଅବସରରେ ବିଭିନ୍ନ ଅନୁଷ୍ଠାନମାନଙ୍କରେ ଏନେଇ ବିଶଦ ଭାବରେ ଆଲୋଚନା କରାଯାଇଥାଏ ।

*ଶ୍ରୀବିହାର କଲୋନୀ, କଟକ,*
*ଦୂରଭାଷ : ୯୪୩୭୬୬୬୪୫୩*

# ମାଣବସା ଗୁରୁବାର


ଯଶସ୍ୱିନୀ ପଟ୍ଟନାୟକ

ମହାଲକ୍ଷ୍ମୀ ଧନ ଓ ଐଶ୍ୱର୍ଯ୍ୟର ଅଧିଷ୍ଠାତ୍ରୀ ଦେବୀ । ମାର୍ଗଶୀର ମାସ ଗୁରୁବାର ଧାନ୍ୟଲକ୍ଷ୍ମୀଙ୍କ ଉପାସନା କରାଯାଇଥାଏ । ଏହାକୁ ମାଣବସା ଗୁରୁବାର ଓଷା କୁହାଯାଏ । ଦେବୀ ଧାନ୍ୟ ଲକ୍ଷ୍ମୀଙ୍କ ପ୍ରତୀକ ସ୍ୱରୂପ ମାଣପୂର୍ଣ୍ଣ ଧାନକୁ ସ୍ଥାପନ କରାଯାଉ ବିଧି ଓ ପରମ୍ପରା ମୁତାବକ ଉପାସନା କରାଯାଇଥାଏ । ସମ୍ପୂର୍ଣ୍ଣ ଭାବେ ଓଡ଼ିଆ ପରମ୍ପରାର ଏହି ମୌଳିକ ପର୍ବରେ ଦେବୀ ଲକ୍ଷ୍ମୀଙ୍କୁ ପାଞ୍ଚ ସପ୍ତାହ ଧରି ପ୍ରତି ଗୁରୁବାର ପୂଜା କରାଯାଇଥାଏ । ଓଡ଼ିଶାର ଘରେ ଘରେ ଏହି ପୂଜା ଅନୁଷ୍ଠିତ ହୋଇଥାଏ । ମାଣବସା ଗୁରୁବାର ପୂଜାରେ ଶସ୍ୟମାପକ ପାତ୍ର ମାଣ, ଗଉଣି, ଧାନକେଣ୍ଡା ଆଦିକୁ ଲକ୍ଷ୍ମୀଙ୍କ ପ୍ରତିକ ଭାବେ ଗ୍ରହଣ କରି ଉପାସନା କରାଯାଇଥାଏ । କୃଷିବହୁଳ ଓଡ଼ିଆ ପରମ୍ପରା ସହ ଜଡ଼ିତ ଏହା ଏକ କୃଷି ଭିତ୍ତିକ ଓଷା ଅଟେ । ଅଷ୍ଟ ଲକ୍ଷ୍ମୀଙ୍କ ମଧ୍ୟରୁ ଅନ୍ୟତମ ଦେବୀ ଧାନ୍ୟ ଲକ୍ଷ୍ମୀ ଅଷ୍ଟଭୂଜା । ସେ ସବୁଜ ବସ୍ତ୍ରାବୃତା, ଦୁଇ ହସ୍ତରେ ପଦ୍ମ ଅନ୍ୟ ହସ୍ତଗୁଡ଼ିକରେ ଧାନକେଣ୍ଡା, କଦଳୀ, ଆଖୁ ଜାଇଫଳ ଆଦି ଧାରଣ କରିଥାନ୍ତି । ମା'ଲକ୍ଷ୍ମୀ ହେଉଛନ୍ତି ଓଡ଼ିଆ ଜାତିର ଆରାଧ୍ୟ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପତ୍ନୀ । ଏଣୁ ତାଙ୍କରି ପୂଜା ପ୍ରତ୍ୟେକ ଓଡ଼ିଆ ପାଇଁ ବିଶେଷ ଗୁରୁତ୍ୱ ବହନ କରିଥାଏ । ମାଣବସା ଗୁରୁବାର ଦିନ ପ୍ରତ୍ୟେକ ଓଡ଼ିଆ ବୋହୂ ପ୍ରତ୍ୟୁଷରୁ ଉଠି ଘରଦ୍ୱାର ଲିପି ମାଣ ଖଟୁଲି ସଜାଇଥାଏ । ଘରେ ଦୁଆରେ ଚାଉଳ ଚୂନାରୁ ପ୍ରସ୍ତୁତ ଝୋଟି ପକାଯାଏ । ଖଟୁଲିରେ ନୂତନ ଧାନକେଣ୍ଡାରେ ବେଣୀ ପ୍ରସ୍ତୁତ କରି ଧୂପ, ଦୀପ, ଫୁଲ, ଚନ୍ଦନ ନୈବେଦ୍ୟ ଆଦି ଅର୍ପଣ କରି ମହାଲକ୍ଷ୍ମୀଙ୍କୁ ଆବହନ କରାଯାଏ । ମା'ଲକ୍ଷ୍ମୀଙ୍କ ଓଷା ବହି ପାଠ କରାଯାଏ । ସକାଳ, ମଧ୍ୟାହ୍ନ ଓ ସନ୍ଧ୍ୟାରେ ମା'ଙ୍କୁ ଭୋଗ ଲାଗି କରାଯାଏ । ମା'ଲକ୍ଷ୍ମୀଙ୍କୁ ଉପାସନା କରୁଥିବା ପରିବାରରେ ସର୍ବଦା ସୁଖସମୃଦ୍ଧି, ଧନଧାନ୍ୟରେ ପୂରି ଉଠେ ।

*ଅଧ୍ୟକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ,*
*ସେକ୍ଟର-୮, ସିଡିଏ, କଟକ*

# ମାନବିକ ଅଧିକାର ଆନ୍ଦୋଳନର ଇତିହାସ


ଉମାଶଙ୍କର ପ୍ରସାଦ

ସାଂପ୍ରତିକ ବିଶ୍ୱରେ ମାନବିକ ଅଧିକାର ହେଉଛି ଏକ ବହୁଚର୍ଚ୍ଚିତ ପ୍ରସଙ୍ଗ । ଏହି ପ୍ରସଙ୍ଗଟିକୁ ସାମାଜିକ ଏବଂ ରାଜନୈତିକ— ଉଭୟ ପର୍ଯ୍ୟାୟଭୁକ୍ତ କରାଯାଇପାରେ । ମାନବିକ ଅଧିକାର କୁ ସାମ୍ବିଧାନିକ ମର୍ଯ୍ୟାଦା ଦେବାକୁ ବିଭିନ୍ନ ଦେଶରେ ଦାବି କରାଯିବା ସହ ଜାତିସଂଘ ସମେତ ପୃଥିବୀର ବିଭିନ୍ନ ଗଣତାନ୍ତ୍ରିକ ରାଷ୍ଟ୍ର ଏ ଦିଗରେ କାର୍ଯ୍ୟ ଆରମ୍ଭ କରିଛନ୍ତି । ୧୭୬୨ ମସିହାରେ ଫ୍ରେ□ ଦାର୍ଶନିକ ଜିନ ଜାକୁସ କହିଥିଲେ "Man is born free, and every where he is in chain"ଅର୍ଥାତ ମନୁଷ୍ୟ ସ୍ୱାଧୀନ ଭାବରେ ଜନ୍ମ ହୋଇଥିଲେ ମଧ୍ୟ କେତେଗୁଡ଼ିଏ ରାଷ୍ଟ୍ରୀୟ ଶୃଙ୍ଖଳାର ଅଧୀନ ହେବାକୁ ବାଧ୍ୟ । ତେଣୁ ସ୍ୱାଧୀନତା ଓ ମାନବିକ ଅଧିକାର ଏକାକଥା ନୁହେଁ, ପ୍ରକୃତପକ୍ଷେ ରାଷ୍ଟ୍ର ଅନ୍ତର୍ଗତ ଜଣେ ସର୍ବନିମ୍ନ ନାଗରିକର ବ୍ୟକ୍ତିତ୍ୱର ସ୍ୱୀକୃତି ଓ ତା'ର ମର୍ଯ୍ୟାଦା ସୁରକ୍ଷା ହେଉଛି ପ୍ରକୃତ ମାନବିକ ଅଧିକାର । ଅତୀତର ରାଜତନ୍ତ୍ର ବା ସାମନ୍ତବାଦୀ ଶାସନକାଳରେ ବ୍ୟକ୍ତିକୁ କୌଣସି ମୂଲ୍ୟ ବା ମର୍ଯ୍ୟାଦା ଦିଆଯାଉ ନଥିଲା । ରାଜାର ସ୍ୱାର୍ଥ ପାଇଁ ହିଁ ପ୍ରଜାର ଜନ୍ମ ବୋଲି ବିବେଚନା କରାଯାଉଥିଲା । କିନ୍ତୁ ଆମେ ଭୁଲିଯିବାର ନୁହେଁ ଯେ ବ୍ୟକ୍ତି ହେଉଛି ରାଷ୍ଟ୍ରର ସର୍ବଶ୍ରେଷ୍ଠ ସମ୍ପ□ । ଏ ସଂସାରରେ ତଥା ସମାଜରେ ପ୍ରତ୍ୟେକ ବ୍ୟକ୍ତିର ବଂଚିବାର ଅଧିକାର ଅଛି । ସେ ନିଜର ଆତ୍ମ ସମ୍ମାନର ସହ ବଂଚିବାକୁ ଚାହେଁ । ପୃଥିବୀର ବିଭିନ୍ନ ଦେଶରେ ମାନବିକତାକୁ ଉଲ୍ଲଙ୍ଘନ କରାଯାଉଥିବାରୁ ଓ ନାଗରିକ ମାନଙ୍କର ମୌଳିକ ଅଧିକାରକୁ ଖର୍ବ କରାଯାଉଥିବାରୁ ଉଦ୍‌ବେଗ ପ୍ରକାଶ ପାଇଛି । ଏହି ମାନବିକ ପ୍ରତିଷ୍ଠା ଦିଗରେ ବସ୍ତୁତଃ ଊନବିଂଶ ଶତାବ୍ଦୀରେ ସଚେତନତା ପ୍ରକାଶ ପାଇଥିଲା । କିନ୍ତୁ ଦ୍ୱିତୀୟ ମହାଯୁଦ୍ଧ ପରେ ହିଁ ମାନବିକ ଅଧିକାର ସମ୍ପର୍କରେ ଗୁରୁତର ଭାବରେ ଚିନ୍ତା କରାଯାଇଥିଲା । ୧୯୪୫ ମସିହାରେ ମିଳିତ ଜାତିସଂଘ ପ୍ରତିଷ୍ଠା ବେଳେ ଏହାର ପ୍ରସ୍ତାବନା (Preamble) ରେ ପ୍ରତ୍ୟେକ ନାଗରିକଙ୍କୁ ସମସ୍ତ ପ୍ରକାର ସ୍ୱାକ୍ଷରତା, ସମାନତା ଏବଂ ନ୍ୟାୟ ପ୍ରଦାନ କରିବା ପାଇଁ ସଂକଳ୍ପ ଘୋଷଣା କରା ଯାଇଥିଲା । କେବଳ ସେତିକି ନୁହେଁ , ସମ୍ବିଧାନର ବିଭିନ୍ନ ଧାରାରେ ନାଗରିକର ଅଧିକାର , ବ୍ୟକ୍ତି ମର୍ଯ୍ୟାଦା, ବ୍ୟକ୍ତିର ଅନ୍ତର୍ନିହିତ ଗୁଣାବଳୀର ବିକାଶ ଦିଗରେ ଜାତିସଂଘ ଅଙ୍ଗୀକାରବଦ୍ଧ ବୋଲି ଉଲ୍ଲେଖ କରିଥିଲେ । ୧୯୪୮ ମସିହା ଡିସେମ୍ବର ୧୦ ତାରିଖରେ ଜାତିସଂଘର ସାଧାରଣ ଅଧିବେଶନରେ "ଇଉନିଭର୍ସିଆଲ ଡିକ୍ଲାରେସନ ଅଫ ହିଉମାନ ରାଇଟ୍‌ସ" ନାମରେ ଏକ ସାର୍ବଜନୀନ ଘୋଷଣାନାମା ଅନୁମୋଦିତ ହୋଇଥିଲା । ଏବଂ ଏଥିରେ ଜାତି, ଧର୍ମ, ବର୍ଣ୍ଣ, ଭାଷା ଓ ଲିଙ୍ଗ ନିର୍ବିଶେଷରେ ପ୍ରତ୍ୟେକ ବ୍ୟକ୍ତିର ମାନବିକ ଅଧିକାର ଓ ମୌଳିକ ସ୍ୱାଧୀନତାକୁ ସାର୍ବଜନୀନ ମାନ୍ୟତା ପ୍ରଦାନ କରାଯାଇଥିଲା । ଏହି ଘୋଷଣା ନାମା ସାମାଜିକ, ରାଜନୀତିକ ଓ ଧର୍ମୀୟ କ୍ଷେତ୍ରରେ ଥିବା ଗତାନୁଗତିକ ସ୍ୱାତନ୍ତ୍ର୍ୟ ସମେତ ଆଧୁନିକ ଜଗତରେ ଗୁରୁତ୍ୱ ଲାଭ କରିଥିବା ସାମାଜିକ, ଆର୍ଥିକ ଏବଂ ପାରିପାର୍ଶ୍ୱିକ ଅଧିକାର ଗୁଡିକ ସମ୍ପର୍କରେ ସୂଚନା ପ୍ରଦ□ ଥିଲା । ପ୍ରତ୍ୟେକ ବ୍ୟକ୍ତି ତାର ଅନ୍ତର୍ନିହିତ ଗୁଣାବଳୀ ଦ୍ୱାରା ନିଜକୁ ବିକଶିତ କରାଇବା, ନିଜର ସାମାଜିକ ସ୍ୱୀକୃତି ଲାଭ କରିବା ଏବଂ ତାକୁ ପୂର୍ଣ୍ଣାଙ୍ଗ ଏବଂ ସୁଖୀ ଜୀବନଯାପନ ପାଇଁ ରାଷ୍ଟ୍ର ସମସ୍ତ ସୁଯୋଗ ପ୍ରଦାନ କରିବା ହେଉଛି ମାନବିକ ଅଧିକାର ଘୋଷଣାନାମାର ଅନ୍ତର୍ନିହିତ ସ୍ୱର । ଜାତିସଂଘ ଆହୁରି ପାଦେ ଆଗେଇଯାଇ ଶିଶୁମାନଙ୍କର ଅଧିକାର ନାମରେ ଆଉ ଏକ ଘୋଷଣାନାମା ୧୯୫୯ ମସିହାରେ ପ୍ରକାଶ କରଥିଲା । ମାନବିକ ଅଧିକାର ସମ୍ପର୍କରେ ବିଭିନ୍ନ ବିଷୟକ ଆହୁରି ଅନେକ ଗୁଡ଼ିଏ ଘୋଷଣାନାମା ପ୍ରକାଶ ପାଇଛି । ସେଗୁଡିକ ହେଉଛି ଉପନିବେଶୀୟ ରାଷ୍ଟ୍ରମାନଙ୍କର ନାଗରିକମାନଙ୍କୁ ସ୍ୱାଧୀନତା ପ୍ରଦାନ (୧୯୬୦), ଜାତିଗତ ବୈଷମ୍ୟ ଦୂରୀକରଣ (୧୯୬୩), ନାରୀମାନଙ୍କୁ ମର୍ଯ୍ୟାଦା ପ୍ରଦାନ (୧୯୬୭), ବ୍ୟକ୍ତିପ୍ରତି ସମସ୍ତ ପ୍ରକାର ଅମାନବୀୟ ନିର୍ଯ୍ୟାତନା ଦୂରୀକରଣ (୧୯୭୫), ଧର୍ମକ୍ଷେତ୍ରରେ ଅସହନଶୀଳତା ପ୍ରଦର୍ଶନ ନିରାକରଣ (୧୯୮୧) ଏବଂ ଶାନ୍ତି ପାଇଁ ବ୍ୟକ୍ତିର ଅଧିକାର (୧୯୮୪) ଇତ୍ୟାଦି । ମାନବିକ ଅଧିକାର ସମ୍ପର୍କରେ ଏଗୁଡିକ ଯଦିଓ ଗୋଟିଏ ଗୋଟିଏ ମାଇଲ ଖୁ□ ସଦୃଶ ତଥାପି ଆଜିର ସମାଜରେ, ରାଜନୀତିରେ ଓ ପ୍ରଶାସନିକ କ୍ଷେତ୍ରରେ ଏଗୁଡିକ କେତେ ପାଳନ କରାଯାଉଛି ତାହା ମୋର ସୁଧୀ ପାଠକେ ବିଚାର କରିବେ । ମାନବିକ ଅଧିକାର ଆନ୍ଦୋଳନର ଇତିହାସରେ ହେଲିସିଙ୍କି ସମ୍ମିଳନୀ ଉଲ୍ଲେଖ ଯୋଗ୍ୟ । ଫିନ୍ ଲ୍ୟାଣ୍ଡର ହେଲିସିଙ୍କି ଠାରେ ୧୯୭୩ ମସିହାରେ ଇଉରୋପୀୟ ରାଷ୍ଟ୍ରମାନେ ଏକତ୍ର ହୋଇ ନିରାପ□। ଓ ସହଯୋଗ ସମ୍ପର୍କରେ ଆଲୋଚନା କରିଥିଲେ । ଏଇଠାରେ ହିଁ 'ହେଲିସିଙ୍କି ଫାଇନାଲ ଆକ୍ଟ' ନାମରେ ମାନବିକ ଅଧିକାର ସମ୍ପର୍କରେ ଏକ ଦଲିଲ ପ୍ରସ୍ତୁତ କରାଯାଇଥିଲା । ଅଦ୍ୟାବଧି ଆଫ୍ରିକା, ଏସିଆ, ଇଉରୋପ ଏବଂ ଆମେରିକା ସର୍ବତ୍ର ଏହି କାର୍ଯ୍ୟକ୍ରମ ଜାରି ରହିଛି । ୧୯୯୩ ମସିହାରୁ ଜାତିସଂଘ ମାନବିକ ଅଧିକାର ସୁରକ୍ଷା ପାଇଁ ଗୋଟିଏ ୫୩ ଜଣ ସଦସ୍ୟ ବିଶିଷ୍ଟ କମିଶନର ପଦ ସୃଷ୍ଟି କରିଛି । ଭାରତରେ ମଧ୍ୟ ଠିକ୍ ସେଇ ଢା□ରେ ୧୯୯୧ ମସିହାରୁ ଜାତୀୟ ମାନବିକ ଅଧିକାର କମିଶନ ଗଠିତ ହୋଇଛି । ସୁପ୍ରିମକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ରଙ୍ଗନାଥ ମିଶ୍ର କିଛିଦିନ ଏହି କମିଶନର ଅଧ୍ୟକ୍ଷ ଥିଲେ । ମାନବିକ ଅଧିକାର ସମ୍ପର୍କରେ ବିଚାର ଓ ପରାମର୍ଶ ସହିତ ମାନବିକ ଅଧିକାର ଉଲ୍ଲଂଘନ ସମ୍ପର୍କୀୟ ଅଭିଯୋଗର ଏମାନେ ତଦନ୍ତ ଓ ସମୀକ୍ଷା କରନ୍ତି । ସ୍ୱାଧୀନ ଭାରତର ସମ୍ବିଧାନରେ ନାଗରିକମାନଙ୍କୁ ଯେଉଁ ୭ଟି ମୌଳିକ ଅଧିକାର ପ୍ରଦାନ କରାଯାଇଛି, ସେଗୁଡିକ ୧୯୪୮ ମସିହା ଡିସ୍ମେର ୧୦ ତାରିଖର ଘୋଷଣାନାମାର ଅନୁରୂପ । ଏଠାରେ ଜାତି, ଧର୍ମ, ବର୍ଣ୍ଣ, ଓ ଲିଙ୍ଗ ନିର୍ବିଶେଷରେ ସମସ୍ତ ନାଗରିକଙ୍କୁ ସମାନ ପ୍ରକାରର ସାମାଜିକ, ରାଜନୈତିକ ଓ ସାଂସ୍କୃତିକ ଅଧିକାର ମଞ୍ଜୁର କରାଯାଇଛି । ଜଣେ ଦରିଦ୍ର ଭୂମିହୀନ ଶ୍ରମିକ ମଧ୍ୟ ଆଜି ନିଜର ଆତ୍ମମର୍ଯ୍ୟାଦା ତଥା ମୌଳିକ ଅଧିକାର ବିଷୟରେ ସଚେତନ ଅଟେ । ଜେଲ ହାଜତରେ କଏଦୀ ମାନଙ୍କ ପ୍ରତି କି ପ୍ରକାର ବ୍ୟବହାର କରାଯାଉଛି, ସେ ସମ୍ପର୍କରେ ମାନବିକ ଅଧିକାର କମିଶନ ତଦନ୍ତ କରିବାର ପ୍ରକ୍ରିୟା ମଧ୍ୟ ଅଛି । ଭାରତରେ ପଞ୍ଜାବ, କାଶ୍ମୀର, ଆସାମ, ଓଡିଶା ଝାଡଖଣ୍ଡ ପ୍ରଭୃତି ରାଜ୍ୟ ସନ୍ତ୍ରାସବାଦୀ ମାନଙ୍କ ଦ୍ୱାରା କବଳିତ । ଏମାନେ ବହୁ ନିରୀହ ଲୋକଙ୍କୁ ହତ୍ୟା କରି ସୁଦ୍ଧା କାଶ୍ମୀରରେ ମାନବିକ ଅଧିକାର ଉଲଘଂନ କରାଯାଉଛି ବୋଲି ଆପ□ କରୁଛନ୍ତି । ମାନବିକ ଅଧିକାର ସୁରକ୍ଷା ଦିଗରେ ଭାରତ ସରକାରଙ୍କ ସମେତ ବହୁ ବେସରକାରୀ ଅନୁଷ୍ଠାନ ମଧ୍ୟ କାର୍ଯ୍ୟରତ । ଅନୁଷ୍ଠାନ ଗୁଡିକ ଅସଙ୍ଗଠିତ ଶ୍ରମିକ ମାନଙ୍କର ସମସ୍ୟା, ରାଜନୈତି ବାଛବିଚାର, ପୁଲିସ ହାଜତରେ ଥାଇ ଦୋଷୀ ବା ବିଚାରାଧୀନ କଏଦୀଙ୍କ ମୃତ୍ୟୁ, ହରିଜନ ଓ ତଫସିଲଭୁକ୍ତ ଜାତିର ଲୋକମାନଙ୍କ ଉପରେ ଆକ୍ରମଣ, ଜାତିଗତ ଓ ଧର୍ମଗତ ସଂଘର୍ଷ କୁନେଇ ସ୍ୱର ଉ□ୋଳନ କରୁଛନ୍ତି । ଆଇନ କାନୁନର ସମସ୍ତ ପ୍ରକାର ବ୍ୟବସ୍ଥା ସ□େ ମାନବିକ ଅଧିକାର ଯେ ସୁରକ୍ଷିତ ହୋଇପାରିଛି, ସେ କଥା କହିହେବ ନାହିଁ । ଶୋଷଣ, କଷଣ, ଅନ୍ୟାୟ ଅବିଚାର, କ୍ଷୁଧା, ଅନାହାର ବେକାରୀ, ଅଶିକ୍ଷା, ନାରୀ ନିର୍ଯ୍ୟାତନା, ଶିଶୁ ନିର୍ଯ୍ୟାତନା ଇତ୍ୟାଦି ତା'ର କାୟା ବିସ୍ତାର କରି ଚାଲିଛି । ରାଜତନ୍ତ୍ରର ବିଲୋପ ଘଟିଥିଲେ ମଧ୍ୟ ଗଣତାନ୍ତ୍ରିକ ଏକଛତ୍ରବାଦ ଦେଶକୁ ଏବେ ଗ୍ରାସ କରିଛି । ନିରୀହ ଲୋକଟିଏ ସତ କହିବାକୁ ସାହସ କରିପାରୁନାହିଁ । ଶେଷରେ ଏତିକି କହିବି ଯେ ପର୍ଯ୍ୟନ୍ତ ମଣିଷ ପ୍ରତି ମଣିଷର ସମବେଦନା ନରହିବ, ରାଜନୈତିକ ନେତୃବୃନ୍ଦ ବ୍ୟକ୍ତିର ଗଣତାନ୍ତ୍ରିକ ଅଧିକାର ପ୍ରତି ସମ୍ମାନ ନଜଣାଇବେ ସେ ପର୍ଯ୍ୟନ୍ତ ମାନବିକ ଅଧିକାର ପ୍ରତିଷ୍ଠା ହୋଇପାରିବ ନାହିଁ ।

*ଖୋର୍ଦ୍ଧା (୬୩୭୦୬ ୭୫୫୬୨)*

# ଯୁଦ୍ଧ ହେଉ ବା ପ୍ରାକୃତିକ ବିପର୍ଯ୍ୟୟ... ସବୁଠି ଅପରାଜେୟ


ଶେଖ ଫରିଦ୍‌ଉଦ୍ଦିନ

୧୯୩୨ ମସିହା ଅକ୍ଟୋବର ୮ ତାରିଖରେ ପ୍ରତିଷ୍ଠିତ ହୋଇଥିଲା ଭାରତୀୟ ବାୟୁ ସେନା, ବ୍ରିଟିଶ ରୟାଲ୍ ଏୟାର୍ ଫୋର୍ସର ଏକ ସାଧାରଣ ଶାଖା ଭାବେ, ମାତ୍ର ଗୋଟିଏ ସ୍କ୍ୱାର୍ଡ୍ରନକୁ ନେଇ । ସେହି ପ୍ରଥମ ସ୍କ୍ୱାର୍ଡ୍ରନ ନାମିତ ହୋଇଥିଲା 'ନମ୍ବର ୱାନ୍ ସ୍କ୍ୱାର୍ଡ୍ରନ' ଭାବେ । ସେଥିରେ ୱାପିଟି ବାଇପ୍ଲେନକୁ । ଫ୍ଲାଇଟ୍ ଲେଫ୍‌ଟନାଣ୍ଟ ସେସିଲ୍ ବାଉଚର୍‌ଙ୍କ ନେତୃତ୍ୱରେ ସେଥିରେ ଯୋଗଦେଇଥିଲେ ୫ଜଣ ଭାରତୀୟ ପାଇଲଟ୍ । ୧୯୩୮ ପର୍ଯ୍ୟନ୍ତ ତାହା ସେହିପରି ରହିଥିଲା । କର୍ମଚାରୀଙ୍କ ସଂଖ୍ୟା ବୃଦ୍ଧି କରାଯାଇନଥିଲା । କେବଳ ଆଉ ୨ଟି ବିମାନ ଯୋଗ କରାଯାଇଥିଲା ସେଥି ସହ । ୧୯୪୩ରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ସ୍କ୍ୱାର୍ଡ୍ରନ୍ ସଂଖ୍ୟା ୭କୁ ଏବଂ ୧୯୪୫ରେ ୯କୁ ବୃଦ୍ଧି ପାଇଥିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ କାଳରେ ଯୁଦ୍ଧକ୍ଷେତ୍ରରେ ଏହାର ଉଲ୍ଲେଖନୀୟ ସଫଳତାକୁ ଦେଖି ତତ୍କାଳୀନ ବ୍ରିଟିଶ୍ ରାଜା ଷଷ୍ଠ ଜର୍ଜ ଏହାକୁ ପୁନାର୍ନାମିତ କରିଥିଲେ ରୟାଲ୍ ଇଣ୍ଡିଆନ୍ ଏୟାର୍ ଫୋର୍ସ ଭାବେ । ୧୯୪୭ରେ ସ୍ୱାଧୀନତା ବେଳକୁ ଏହାର ଯେଉଁ ୩ଟି ସ୍କ୍ୱାର୍ଡ୍ରନ୍ ପାକିସ୍ତାନରେ ରହିଯାଇଥିଲା ତାହାକୁ ସେଠାରେ ରହିବା ପାଇଁ ଛାଡ଼ିଦିଆଯାଇଥିଲା । ୧୯୫୦ରେ ଭାରତ ଗଣତନ୍ତ୍ର ହେବା ପରେ ରୟାଲ୍ ଇଣ୍ଡିଆନ୍ ଏୟାର୍ ଫୋର୍ସରୁ ରୟାଲ୍ ଶବ୍ଦଟି ବାଦ୍ ଦିଆଯାଇଥିଲା । ସଂପ୍ରତି ଏହାର ଆକାର ବେଶ୍ ବଡ଼ । ମୋଟ କର୍ମଚାରୀ ସଂଖ୍ୟା ୧ ଲକ୍ଷ ୭୦ହଜାର । ୮୫୨ଟି ଲଢୁଆ ବିମାନ ସହ ମୋଟ ୧୭୦୦ ବିମାନକୁ ଏଥିରେ ସାମିଲ କରାଯାଇଛି । ଆକାର ଏବଂ କ୍ଷମତା ଦୃଷ୍ଟିରୁ ଦେଖିଲେ ଏହା ବିଶ୍ୱରେ ଚତୁର୍ଥ ବୃହତ୍ତମ ବାୟୁସେନା । ଆଜି ଏହା ପାଳନ କରୁଛି ଏହାର ୭୭ତମ ପ୍ରତିଷ୍ଠା ଦିବସ । କେବଳ ଯୁଦ୍ଧ କ୍ଷେତ୍ର ବା ପରିବହନ ବ୍ୟବସ୍ଥା ନୁହେଁ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଭାରତୀୟ ବାୟୁସେନା ତା'ର ଯେଉଁପରି ଭାବରେ ଅଦମ୍ୟ ତ୍ୟାଗ, ନିଃସ୍ୱାର୍ଥପର ସେବା ଓ ନିରବଚ୍ଛିନ୍ନ ଜନକଲ୍ୟାଣ ପାଇଁ ପ୍ରଚେଷ୍ଟା ପ୍ରତିପାଦନ କରିଛି ତାହା ଯେତେ ପ୍ରଶଂସା କଲେ ବି କମ୍ ହେବ । ଦୁଇବର୍ଷ ତଳର ପାର୍ବତ୍ୟ ଅଗମ୍ୟ ଓ ପ୍ରକୃତିଗତ ବିପର୍ଯ୍ୟୟ କ୍ଷେତ୍ରରେ ଉତ୍ତରାଖଣ୍ଡରେ ଯେଉଁ ପ୍ରକାର ପ୍ରଳୟର କାଣ୍ଡ ଦେଖାଯାଇଥିଲା ସେ ସମୟରେ ଭାରତୀୟ ବାୟୁସେନା ଯେଉଁପରି ନିଜର ନିରବଚ୍ଛିନ୍ନ ଓ ଅକ୍ଳାନ୍ତ ସେବା ଦେଖାଇଥିଲେ ତାହାର ପ୍ରଶଂସା କେବଳ ମୁକ୍ତି ପାଇଥିବା ତୀର୍ଥଯାତ୍ରୀ ବା ସ୍ଥାନୀୟ ବାସିନ୍ଦା ନୁହଁନ୍ତି ପ୍ରତିଟି ଭାରତୀୟଙ୍କ ସହିତ ସମଗ୍ର ପୃଥିବୀର ପ୍ରମୁଖ ଗଣମାଧ୍ୟମ ଏ ଖବରକୁ ପ୍ରାଥମିକତା ଦେଇ ଭାରତୀୟ ବାୟୁସେନାର ବୀର ସେବକଙ୍କ ପାଇଁ ପ୍ରଶଂସା ଓଜାଡ଼ି ଦେଇଥିଲେ । ସେହିପରି ନିକଟରେ ସମଗ୍ର ପୃଥିବୀକୁ ଥରାଇ ଦେଇଥିବା ନେପାଳର ଭୟାବହ ଭୂକମ୍ପ ବେଳେ ବିଦେଶରୁ ସର୍ବ ପ୍ରଥମେ ଭାରତ ଯେଉଁ ସହଯୋଗ ଓ ପୁର୍ନଉଦ୍ଧାରର ତତ୍କାଳ ପଦକ୍ଷେପ ନେଇଥିଲା ଏହାକେବଳ ସମ୍ଭବ ହୋଇଥିଲା କେବଳ ଭାରତୀୟ ବାୟୁସେନାର ସହଯୋଗ ପାଇଁ । ଭୂକମ୍ପରେ ପୀଡ଼ିତ ହୋଇ ମାଟିତଳେ ପୋତି ହୋଇଯିବା ସହ ବର୍ଷା ବିପ୍ୟାତକୁ ସାମ୍ନା କରୁଥିବା ନେପାଳବାସୀଙ୍କୁ ଭାରତୀୟ ବାୟୁସେନାର ପ୍ରଶିକ୍ଷିତ କମାଣ୍ଡୋମାନେ ଭାରତୀୟ ବାୟୁସେନାର ଗର୍ବ କୁହାଯାଉଥିବା ସବୁଠାରୁ ବନ ପରିବହନ ବିମାନ ହରକୁଲେସ୍ ବିମାନକୁ ନେଇ ସେଠାରେ ରିଲିଫ୍ ଓ ପୁର୍ନଉଦ୍ଧାରରେ ସାମିଲ ହୋଇଥିଲେ । ଭାରତୀୟ ବାୟୁସେନାର ଏହିପରି ତୁରନ୍ତ ଓ ଅକ୍ଳାନ୍ତ ସେବାକୁ ଦେଖି ପରବର୍ତ୍ତୀ ସମୟରେ ପୃଥିବୀର ବିଭିନ୍ନ ରାଷ୍ଟ୍ରର ବାୟୁସେନାର ସେନା ଯବାନମାନେ ଏହି ଉଦ୍ଧାର କାର୍ଯ୍ୟରେ ନିଜକୁ ସାମିଲ କରିଥିଲେ । ଭାରତ ପରି ବର୍ଷର ବିଭିନ୍ନ ସମୟରେ ବିଭିନ୍ନ ଭାବରେ ଯେଉଁ ପ୍ରାକୃତିକ ବିପର୍ଯ୍ୟୟ ଦେଖାଦେଇଛି ସେଥିରେ ଭାରତୀୟ ବାୟୁସେନାର ସାହାଯ୍ୟ ଯେତେ ପ୍ରଶଂସା କଲେ ବି ନିଶ୍ଚିନ୍ତ ଭାବରେ କମ୍ ହେବ । ଓଡ଼ିଶାର ଭୟାବହ ମହାବାତ୍ୟା ଉପକୂଳବର୍ତ୍ତୀ ଜିଲ୍ଲାକୁ ଧ୍ୱଂସର ପ୍ରଳୟ ଭିତରେ ନିଚ୍ଛିନ୍ନ କରିବାକୁ ବସିଥିବାବେଳେ ଖରାପ ବା ପ୍ରତିକୂଳ ପାଗ ସତ୍ତ୍ୱେ ଭାରତୀୟ ବାୟୁସେନାର ବୀର ସୈନିକମାନେ ନିଜ ଜୀବନକୁ ପାଣିଛଡ଼ାଇ ଉର୍ସ୍ଗୀକୃତ ଯେଉଁ ସେବା ଦେଇଥିଲେ ତାହା କାଳ କାଳକୁ ପ୍ରତିଟି ଓଡ଼ିଆଙ୍କ ପାଇଁ କୃତଜ୍ଞତାର ସ୍ମରଣୀୟ ମୁହୂର୍ତ୍ତ ହୋଇ ରହିବ । ପ୍ରକୃତିର ଏହିପରି କରାଳ ବିଭୀଷିକା ସମୟରେ ବିଶେଷକରି ଭାରତୀୟ ବାୟୁସେନା ଯେଉଁ ନିଃସ୍ୱାର୍ଥପର ସେବା ଯୋଗାଇଥାନ୍ତି ସେ କ୍ଷେତ୍ରରେ ସେମାନେ ନିଜ ଜୀବନକୁ ଖାତିର କରି ନଥାନ୍ତି । ଅନେକ ସମୟରେ ଏହି ବୀର ସୈନିକମାନେ ନିଜ ଜୀବନକୁ ପାଣି ଛଡ଼ାଇ ଯେଉଁ ସେବା ଯୋଗାଇଥାନ୍ତି ସର୍ବୋପରି ସେମାନଙ୍କର ଯେଉଁ ବଳୀଦାନ ତାହା ଆମ ସମସ୍ତଙ୍କ ପାଇଁ ଅବିସ୍ମରଣୀୟ ହୋଇ ରହିବ । ଗତବର୍ଷ ପଡ଼ୋଶୀ ପାକିସ୍ତାନ ଠାରୁ ହିଂସାର ବାର୍ତ୍ତା ପାଇ ଜାମ୍ମୁ-କାଶ୍ମୀର ଯେତେବେଳେ ବନ୍ୟା ବିଭୀଷିକାରେ ଷଢୁ ଥିଲା ସେ ସମୟରେ ଭାରତୀୟ ବାୟୁସେନା ରିଲିଫ୍ ଓ ପୁର୍ନଉଦ୍ଧାର ପାଇଁ ସେବା ଯୋଗାଇ ଦେଲାବେଳେ କିଛି ବିଚ୍ଛିନ୍ନତାବାଦୀ ଗୋଷ୍ଠୀ ଓ ଆତଙ୍କବାଦୀ ସେମାନଙ୍କ ଉପରେ ଆକ୍ରମଣ କରି ଏକ ଭୁଲ ବୁଝାମଣାର ପରିବେଶ ସୃଷ୍ଟି କରିବାକୁ ଚାହିଁଥିଲେ ବି ଏ କ୍ଷେତ୍ରରେ ଭାରତୀୟ ବାୟୁସେନା ନିଜ ସେବାକୁ ଗୁରୁତ୍ୱ ଦେଇ କୌଣସି ପ୍ରତିକ୍ରିୟା ପ୍ରକାଶ ନ କରି ନିଜର କ୍ଷତି ସହି ମଧ୍ୟ ସେବା ପ୍ରଦାନ କରିବାକୁ ପଛେଇ ନଥିଲେ । ଯାହାର ପରବର୍ତ୍ତୀ ସମୟରେ ହୁଏତ ସେହି ଅବିଚଳିତ ଓ ନିଃସ୍ୱାର୍ଥପର ସେବା ପାଇଁ ପଡ଼ୋଶୀ ପାକ୍ ଅଧିକୃତ କାଶ୍ମୀରବାସୀ ଆଜି ଭାରତରେ ମିଶିବା ପାଇଁ ସ୍ୱତଃ ଆଗ୍ରହ ପ୍ରକାଶ କରୁଛନ୍ତି । ଭାରତୀୟ ବାୟୁସେନା ସମଗ୍ର ବିଶ୍ୱରେ ନିଜର ସେନା ଦକ୍ଷତା, ସେବା ପରାୟଣତା ଓ ଦେଶ ମାତୃକାର ସେବା ପାଇଁ ଉତ୍ସର୍ଗୀକୃତ ରଖୁଥିବା ନିଜର ଦୃଢ଼ ମନୋବଳ ପାଇଁ ଅନ୍ୟ ମାନଙ୍କ ପାଇଁ ଆଦର୍ଶଣୀୟ ହୋଇପାରିଛି । ବିଭିନ୍ନ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ସମଗ୍ର ପୃଥିବୀର ଏହି ଅଦ୍ୱିତୀୟ ସେନା ଭାରତ ବିରୁଦ୍ଧରେ ଲଢୁଥିବା ଶତ୍ରୁ ମାନଙ୍କ ପାଇଁ ନିଜ ଶାଣିତ ବଳ ଓ ସାହାସିକତା ଦେଖାଇ ସାରିଛି । ଦେଶମାତୃକାର ସେବାରେ ଭାରତୀୟ ବାୟୁସେନାର ଅତୁଳନୀୟ ସହଯୋଗ ରହିଛି । ଆଜି ଭାରତୀୟ ବାୟୁସେନା ଦିବସ ଅବସରରେ ଜଣେ ଭାରତୀୟ ହିସାବରେ ଏହି ସେନା ବିଭାଗର ପ୍ରତିଟି ବୀରଯୋଦ୍ଧା ଓ ସାହାସିକ ସୈନିକଙ୍କୁ ମୁଁ ଗଭୀର ପ୍ରଣାମ ଜଣାଉଛି ।

*ଦୂରସଞ୍ଚାର ଭବନ,*
*ଲିଙ୍କରୋଡ଼, କଟକ,*
*ଦୂରଭାଷ : ୯୪୩୭୦୦୪୮୮୮*

# ପ୍ରାଣୀ ସୁରକ୍ଷା ଦିବସ


ଅକ୍ଷୟ କୁମାର ରାଉତ

ଘନବନାନୀ ଆଚ୍ଛାଦିତ ନଭଶ୍ଚୁମ୍ବି ପର୍ବତମାଳା, ତରଙ୍ଗଶୋଭିତ ନଦୀସକଳ ହଂସକାରାଣ୍ଡାକାଦି ବିହଙ୍ଗମ ଶୋଭିତ ହ୍ରଦ ଓ ହ୍ରଦ ତୀର, ଶାଳ , ପିଆଶାଳ, ଅଶିନ, ଆମ୍ର, ପଣସ ଆଦି ବୃକ୍ଷ ପରିପୂର୍ଣ୍ଣ ଘଂଚ ଜଙ୍ଗଲ । ପ୍ରକୃତିର ଏକ ସୌନ୍ଦର୍ଯ୍ୟମୟୀ ନୟନାଭିରାମ ଦୃଶ୍ୟ । ଅରଣ୍ୟର ଗୁରୁଗମ୍ଭୀର କାନ୍ତକମନୀୟ, ପରିବେଶ ମନୁଷ୍ୟର ହୃଦୟସ୍ପର୍ଶୀ ହୋଇଥାଏ । ଜଙ୍ଗଲ ହିଁ ମନୁଷ୍ୟ ସଭ୍ୟତାର ଜୀବନ । ଏହି ବିଚିତ୍ର ବର୍ଣ୍ଣ ବନଭୂମିରେ ବନ୍ୟ ପଶୁ ପକ୍ଷୀମାନଙ୍କର ଜୀବନଯାପନର ପ୍ରଣାଳୀ ମନୁଷ୍ୟକୁ ପରିତୃପ୍ତ କରିଥାଏ । ସେମାନଙ୍କର ଗୁଞ୍ଜନ, ଗର୍ଜନ, ରାବ ଓ କାକଳିରେ ବନଭୂମିରେ ସୃଷ୍ଟିହୁଏ ଶ୍ରୁତିମଧୁର ଓ ଭୀତଚକିତ ପରିବେଶ । ମହିଷିମାନଙ୍କର ସିଂହ ସହିତ ଲଢେଇ, ବ୍ୟାଘ୍ର ଗଜର ସମର, ବ୍ୟାଘ୍ର ଦେଖି ହରିଣ ଯୂଥର ପଳାୟନ, ମହାବଳ ବାଘ, ଭାଲୁ, ଗଧିଆ, ସରିସୃପ ଓ ବିଭିନ୍ନ ବନ୍ୟଜନ୍ତୁଙ୍କର ଗତିବିଧି ଦର୍ଶକଙ୍କ ମନକୁ କରେ ପୁଲକିତ । ଚିଡିଆଖାନା ଠାରୁ ମୁକ୍ତ ବନ୍ୟ ପରିବେଶରେ ଥିବା ପଶୁ ପକ୍ଷୀମାନଙ୍କୁ ଦେଖିବାରେ ରହିଛି ଅନେକ ଆନନ୍ଦ । କିନ୍ତୁ ଶିକାରୀ ମାନଙ୍କର ଅହେତୁକ ଶିକାର ପ୍ରିୟତା ଏବଂ ବିଚାରହୀନ ଶିକାର ପ୍ରକ୍ରିୟା ଫଳରେ ବନଭୂମିରୁ ବହୁବିଧ ବନ୍ୟଜନ୍ତୁ ସବଂଶରେ ଲୁପ୍ତ ଓ ନିଶ୍ଚିହ୍ନ ହେବାକୁ ବସିଲେଣି । ବୃକ୍ଷଲତା, ଗୁଳ୍ମଆଦି,ପଶୁପକ୍ଷୀ, ଜୀବଜନ୍ତୁ ମାନଙ୍କର ଅଭିବୃଦ୍ଧି, ମାନବ ସମାଜର ଅର୍ଥନୈତିକ ଓ ବୈଜ୍ଞାନିକ ପ୍ରଗତିରେ ସହାୟକ ହୋଇଥାଏ । ଅସଂଖ୍ୟ ବନ୍ୟଜନ୍ତୁଙ୍କର ବିଭିନ୍ନ ଅଙ୍ଗ ମନୁଷ୍ୟର ଔଷଧ ଆଦି ପ୍ରସ୍ତୁତିରେ ବିଶେଷ ଭାବରେ ବ୍ୟବହୃତ ହୁଏ । ବନ ମଧ୍ୟରେ ଏକ ଶ୍ରେଣୀର ଶ୍ୱାନ ରହିଛନ୍ତି, ଯେଉଁମାନେ କି ଜଙ୍ଗଲ ମଧ୍ୟରେ ମନୁଷ୍ୟକୁ ବାଟ ଦେଖାଇଥାଆନ୍ତି । ଶିକାରୀ ମାନଙ୍କର ଅତ୍ୟାଚାରରୁ ବନ୍ୟଜନ୍ତୁଙ୍କୁ ରକ୍ଷା କରିବା ଲାଗି ଏବେ ଠାରୁ ସତର୍କ ନହେଲେ ମନୁଷ୍ୟ ସମାଜ ଏକ ଅମୂଲ୍ୟ ମହାସମ୍ପଦ ହରାଇ ବସିବ ।

ବନ୍ୟ ପ୍ରାଣୀମାନଙ୍କର ସୁରକ୍ଷା ପାଇଁ ୧୯୭୨ ମସିହାରେ ବନ୍ୟପ୍ରାଣୀ ସଂରକ୍ଷଣ ଆଇନ ପ୍ରଣୀତ ହେଉଅଛି । ବନ୍ୟଜନ୍ତୁ ସଂରକ୍ଷଣ ନିମିତ ଭାରତ ବର୍ଷରେ ୧୦୪ ଟି ଜାତୀୟ ଉଦ୍ୟାନ ତାର ଆୟତନ ୪୩.୭୧୬ ଲକ୍ଷ୍ମ୨ ଓ ୫୬୬ ଟି ଅଭୟାରଣୟ ଯାହାର କ୍ଷେତ୍ରଫଳ ୧୨୨୪୨୦ ଲକ୍ଷ୍ମ୨ ଅଟେ । ସମୟ କ୍ରମେ ଏସବୁର ବୃଦ୍ଧି ଘଟୁଛି । ଓଡ଼ିଶାର ୨ଟି ଜାତୀୟ ଉଦ୍ୟାନ ଥିବା ବେଳେ ମଧ୍ୟପ୍ରଦେଶରେ ୧୧ଟି ଓ ପଞ୍ଜାବରେ ଜାତୀୟ ଉଦ୍ୟାନ ନାହିଁ । ଓଡ଼ିଶାରେ ୧୯ ଟି ଅଭୟାରଣ୍ୟ ଥିବାବେଳେ ମହାରାଷ୍ଟ୍ରରେ ୪୮ଟି ଅଭୟାରଣ୍ୟ ଅଛି । ଆମ ଭାରତ ବର୍ଷରେ ୫୨ ଟି ବ୍ୟାଘ୍ର ସଂରକ୍ଷଣ ଏବଂ ୩୨ ଟି ହାତୀ ସଂରକ୍ଷନ ରହିଅଛି । ବ୍ୟାଘ୍ରଙ୍କ ସଂଖ୍ୟା ପ୍ରାୟ ୨୯୬୭ଟି ଥିଲାବେଳେ ହାତୀମାନଙ୍କ ସଂଖ୍ୟା ୨୭୩୧୨, ସେହିପରି ଭାରତ ବର୍ଷରେ ସିଂହମାନଙ୍କ ସଂଖ୍ୟା ପ୍ରାୟ ୬୭୪ଟି । ଓଡ଼ିଶାରେ ହାତୀ ସଂରକ୍ଷଣ ପାଇଁ ମୟୁରଭଞ୍ଜ(ER), ମହାନଦୀ (ER) ସମ୍ବଲପୁର (ER) ଓ ଚନ୍ଦକା ହାତୀ ଅଭ୍ୟାରଣ୍ୟ ରହିଛି । କେନ୍ଦ୍ର ସରକାର ବନ୍ୟଜନ୍ତୁ ମାନଙ୍କ ସୁରକ୍ଷା ପାଇଁ The Indian Board For Wildlifର ନାମକ ଏକ ସଂଗଠନ ପ୍ରତିଷ୍ଠା କରିଛନ୍ତି । ବନ୍ୟଜନ୍ତୁ ସଂରକ୍ଷଣ ବିଷୟରେ ଜନସାଧାରଙ୍କୁ ସଚେତନତା ପାଇଁ ବନ୍ୟଜନ୍ତୁ ସଂରକ୍ଷଣ ସପ୍ତାହ ବା ପଶୁ କଲ୍ୟାଣ ଦିବସ ଅକ୍ଟୋବର ମାସ ୪ ତାରିଖରେ ପାଳନ କରାଯାଇଥାଏ । ଗାନ୍ଧୀ ଜୟନ୍ତୀରୁ ଏହି ବନ୍ୟ ଜନ୍ତୁ ସପ୍ତାହ ପାଳନ କରାଯାଏ । ଭାରତ ବର୍ଷରେ ବିଭିନ୍ନ ରାଜ୍ୟରେ ବନ୍ୟଜନ୍ତୁ ସରଂକ୍ଷଣର ବହୁ ଆଦର୍ଶ କେନ୍ଦ୍ର ରହିଛି । ସେଗୁଡିକ ହେଉଛି ବଳୀପୁର ଅଭୟାରଣ୍ୟ, ଚନ୍ଦ୍ରପ୍ରଭା ଅଭ୍ୟାରଣ୍ୟ, ଗୁଜୁରାଟର ଗିରି ବନଭୂମି, ବଙ୍ଗରାଜ୍ୟର ବଳଦପଡ଼ା ଅଭୟାରଣ୍ୟ, ହିମାଳୟ ନିକଟ ବର୍ତି କର୍ବେଟ୍ ଜାତୀୟ ଉଦ୍ୟାନ, ଦରଚିଗ୍ରାମ ଅଭୟାରଣ୍ୟ, ଜବଲପୁର ଠାରୁ ପ୍ରାୟ ଶହେ ମାଇଲ ଦୂରରେ ଥିବା କହ୍ନା ଜାତୀୟ ଉଦ୍ୟାନ, ଆସାମର କାଜିରଙ୍ଗ ଅଭୟାରଣ୍ୟ, ମାନସ ଅଭୟାରଣ୍ୟ ଭରତପୁରଠାରେ ଥିବା କେଜି ଅଭୟାରଣ୍ୟ, ମାନ୍ଦ୍ରାଜର ମୃଦୁମଲାଇ ଅଭୟାରଣ୍ୟ, ମଧ୍ୟପ୍ରଦେଶରେ ଥିବା ଶିବପୁର ଜାତୀୟ ଉଦ୍ୟାନ, କେରଳରେ ପେରିଅର ଅଭୟାରଣ୍ୟ, ସିରିସ୍ ଅଭୟାରଣ୍ୟ, ମାନ୍ଦ୍ରାଜରେ ଥିବା ବେଦାନ୍ତ ପଶୁପକ୍ଷୀ ଅଭୟାରଣ୍ୟ, ରାଜାଜୀ ଅଭୟାରଣ୍ୟ, ଶିଓଲିକ୍ ଗିରିମାଳାରେ ଅବସ୍ଥିତ ।

ଭାରତର ଅରଣ୍ୟମାନଙ୍କରେ ବିଭିନ୍ନ ପ୍ରକାର ବନ୍ୟ ପଶୁ ଓ ପକ୍ଷୀ ଦେଖାଯାଆନ୍ତି । ସେ ଗୁଡିକ ମଧ୍ୟରେ ସିଂହ, ବାଘ, ହାତୀ, ଭାଲୁ, ଗଣ୍ଡା, ଗୟଳ, ବାରହା, ମାଙ୍କଡ, କୋକିଶିଆଳି, ଗଧିଆ, ବିଲୁଆ, ହରିଣ, ସମ୍ବର, ଚିତାବାଘ ଓ ବିଭିନ୍ନ ଜାତିର ସରୀସୃପ, ସାପ,କୁମ୍ଭୀର , ମୟୂର, ଶୁଆଶାରୀ, ଚିଲ, ଛଂଚାଣ, ପେଚା, କୋଚିଲାଖାଇ ଆଦି ଦେଖାଯାଆନ୍ତି । ପଶ୍ଚିମ ବଙ୍ଗର ସୁନ୍ଦରବନରେ ମହାବଳ ବାଘ ଦେଖାଯାଆନ୍ତି । ହିମାଳୟ ପାଦ ଦେଶାଂଚଳ, ଓଡିଶା, କର୍ଣ୍ଣାଟକ, ମଧ୍ୟପ୍ରଦେଶରେ ହାତୀ ଓ ବାଘ ଦେଖାଯାଆନ୍ତି । ଆସାମ ଓ ବଙ୍ଗର ଅରଣ୍ୟରେ ଗଣ୍ଡା ବାସକରନ୍ତି । ଭାରତୀୟ ଗଣ୍ଡା ଅନ୍ୟଦେଶର ଗଣ୍ଡାଙ୍କ ଠାରୁ ବଡ଼ ହୋଇଥାଆନ୍ତି । ହିମାଳୟ ପାର୍ବତ୍ୟାଂଚଳ(ଆସାମ ନେପାଳ ସୀମା)ରେ ଚମରୀ ଗାଈ ଓ କସ୍ତୁରୀ ମୃଗ ଦେଖିବାକୁ ମିଳେ । ମଧ୍ୟ ପ୍ରଦେଶ, ଓଡ଼ିଶା, ଉତରପ୍ରଦେଶରେ ନୀଳଗାଈ ଦେଖାଯାଆନ୍ତି । ଓଡ଼ିଶାର ସରୀସୃପ ମାନଙ୍କ ମଧ୍ୟରେ ବଉଳା କୁମ୍ଭୀର, ମଗର, ସମୁଦ୍ର କଇଁଛ, ଘଡ଼ିଆଳ କୁମ୍ଭୀର ଓ ଗୋଧି ଆଦି ପ୍ରଧାନ । ଓଡ଼ିଶାରେ ଡାଙ୍ଗମାଳଠାରେ ଏହି ସରୀସୃପମାନଙ୍କ ଅଭୟାରଣ୍ୟ ହୋଇଅଛି ।ଅରଣ୍ୟ ଓ ବନ୍ୟଜନ୍ତୁ ପ୍ରାକୃତିକ ବିଭବ, ସଭ୍ୟତା, ସଂସ୍କୃତିର ସୁରକ୍ଷା ନିମିତ ଜଙ୍ଗଲ ଓ ବନ୍ୟ ପ୍ରାଣୀମାନଙ୍କର ସଂରକ୍ଷଣ ଅତି ଜରୁରୀ ହୋଇପଡିଛି । ସେଥିପାଇଁ ୧୯୮୩ ମସିହାରେ କେନ୍ଦ୍ର ସରକାର 'ନ୍ୟାସନାଲ ୱାଇଲଡ୍ ଆକ୍ସନ ପ୍ଲାନ୍ ' ଯୋଜନା କାର୍ଯ୍ୟକାରୀ କରୁଅଛନ୍ତି । ସରକାରଙ୍କ କଠୋର ଆଇନ ଗତ ପଦକ୍ଷେପ ବନ କର୍ମଚାରୀମାନଙ୍କର ସାଧୁତା ଓ ନିଷ୍ଠାପର କର୍ତ୍ତବ୍ୟ ପରାୟଣତା ଯୋଗୁ ପ୍ରାକୃତିକ ସମ୍ପଦର ସୁରକ୍ଷା ହୋଇ ପାରିବ ।

ମିଳିମିଶି କଲେ ପ୍ରାଣୀ ସୁରକ୍ଷା
ମନୁଷ୍ୟ ସମାଜ ହୋଇବ ରକ୍ଷା ।

*ପଙ୍କପାଳ, ବଣିକୁନ୍ଦ*
*ଜଗତ୍‌ସିଂହପୁର*
*ମୋ.- ୯୯୩୭୬୯୧୪୭୫*

# ସାହିତ୍ୟ ଦର୍ପଣ



## ପ୍ରହେଳିକା

ହୃଦୟ କେବେ ବୟସ ଦେଖେ ନାହିଁ, ଚେହେରା ଦେଖେ ନାହିଁ, ପ୍ରେମ ହେଇଯାଏ ଆପେ। ଭଲ ପାଏ ବୋଲି ଶବ୍ଦ କେବେ ଶୁଣି ନଥିଲି କାହା ତୁଣ୍ଡରୁ। ମୁଁ କିନ୍ତୁ ଅଚାନକ ଶୁଣିଲି ଆଉ ନୂଆ ଅନୁଭବରେ ବୁଡି ଚାଲିଲି । କାହାକୁ ବୁଝେଇବାର ନଥିଲା । ଶାଶ୍ୱତୀଙ୍କୁ ବି ନୁହେଁ।

ମୁଁ ବେଶ୍ ଅନିଦ୍ରା ରହୁଥିଲି । ମୋବାଇଲ ଘାଣ୍ଟୁଥିଲି । ହ୍ୱାଟସ ଆପ୍ ରେ କଥା ବିନିମୟ କରୁଥିଲି। ନିଦ ଲାଗିଲେ ଶୋଇବାର ଉପକ୍ରମ କରୁଥିଲି। ଶାଶ୍ୱତୀଙ୍କ ବିଷୟରେ ବି ଭାବୁଥିଲି । ସେ ପ୍ରେମ କଣ ଜାଣିଛନ୍ତି.. ? କେବେ ପ୍ରେମ ଭଳି କିଛି ଶବ୍ଦ କହି ମନ ମୋହିଛନ୍ତି.. ? ବାହାଘର ପରଠାରୁ ଗୋଟିଏ ସଂସାର ଚାଲିଛି ଆମର । ବାସ୍ ଚାଲିଛି। ପୁଅକୁ ହେଲା ଏକୋଇଶି ବର୍ଷ। ଏମ୍ ବି ବି ଏସ୍ ର ଏଇଟା ଦ୍ୱିତୀୟ ବର୍ଷ। ରହୁଛି ଏବେ ବାହାରେ। ଘରେ ମୁଁ ଆଉ ଶାଶ୍ୱତୀ ।

ମୁଁ କଣ ଶାଶ୍ୱତୀଙ୍କୁ କହିପାରିବି ଯେ ପ୍ରିୟା ଏବେ ରୋଜ କଥା ହୁଏ ମୋ ସହିତ। କହି ପାରିବି କି ଏବେ ତୁମେ ଶୋଇ ପଡିଲେ ବି ମୁଁ ଶୁଏ ନାହିଁ, ଖାଲି ପ୍ରିୟା ସହିତ କଥା ହେବି ବୋଲି ! ତୁମେ ଆଶ୍ଚର୍ଯ୍ୟ ହେବ। ସ୍ୱାଭାବିକ ମଧ। ମୁଁ ବି ଆଶ୍ଚର୍ଯ୍ୟ ହୁଏ । ଏଇ ଛଅ ମାସ ଭିତରେ କଣ ଏମିତି ବଦଳିଗଲା ! ମୁଁ ରାଜୀବରୁ ରାଜ୍ ହେଇଗଲି, ସେ ପ୍ରିୟଙ୍କା ରୁ ପ୍ରିୟା। ଆମ ଭିତରେ ଚାଲିଥିଲା କିଛି ସଙ୍ଗତ କିଛି ଅସଙ୍ଗତ ଆଳାପ। ମୁଁ ଶାଶ୍ୱତୀଙ୍କର ହେଇ ବି, ବିବାହିତ ହେଇ ବି ଲାଗିଲା ପାପ କରୁ ନାହିଁ କିଛି। କେଇଟା ରାତି ଅନିଦ୍ରା ରହି ଜୀବନକୁ ଆଉ ଟିକେ ସୁଖଦ ଅନୁଭୂତିରେ ଜିଇଁଲେ, କ୍ଷତି କ'ଣ ଅବା କାହାର କରୁଛି !

ପ୍ରିୟା ବି ବିବାହିତା। ବାସ୍ ସ୍ୱାମୀ ଏବେ ପାଖରେ ନାହାନ୍ତି। ପାଞ୍ଚବର୍ଷ ତଳେ ଡିଭୋର୍ସ ହେଇ ଯାଇଛି। ଝିଅ ଟିଏ। ତାକୁ ଚାହିଁ ସେ ଦ୍ୱିତୀୟ ବିବାହ କଲା ନାହିଁ। ସେ କାହିଁକି ଡିଭୋର୍ସ ନେଲେ ଉତ୍ତରରେ କହିଥିଲା ତା' ସ୍ୱାମୀ କୁଆଡେ ଆଉ କାହାକୁ ଭଲ ପାଉଥିଲେ।

-'ତୁମେ ବୁଝେଇଲ ନାହିଁ।' ପଚାରିଥିଲି ମୁଁ।

-' ମୋ ସହ ସମସ୍ତେ ବେଶ୍ ଚେଷ୍ଟା କରିଥିଲେ ତାଙ୍କୁ ବୁଝେଇବା ପାଇଁ। କିନ୍ତୁ ହେଲା ନାହିଁ।' ବେଶ ସହଜ ସାବଲୀଳ ଭାବରେ ହସି ହସି କହିଥିଲା ପ୍ରିୟା।

-' ସ୍ୱାମୀଙ୍କୁ ଭଲ ପାଉଥିଲ କି ନାହିଁ ?'

-' ସବୁ ପୁରୁଷ କ'ଣ ତୁମ ଭଳି ହୋଇଛନ୍ତି କି... ? ?'

-' କେମିତି ?

-' ଖୁବ୍ ବୁଝିବା ଶୁଝିବା ଆଉ ପ୍ରୀତିସ୍ୱଦ... !'

ନିଜର ପ୍ରଶଂସା ଗୋଟେ ସ୍ତ୍ରୀ ଲୋକ ଠାରୁ ଶୁଣି ମୁଁ ବେଶ୍ ବେଳ ଯାଏ ଆମୋଦିତ ହେଲି। ସେଇ ଶବ୍ଦ କେତୋଟି ବେଶ୍ ବେଳ ଯାଏ କାନ ପାଖେ ଗୁଞ୍ଜରିତ ହେଉଥିଲା । ସେଇ ଛଳଛଳ ଭାବ ମୋତେ ମନ୍ତ୍ରମୁଗ୍ଧ କରି ଦେଇଥିଲା।

ଶାଶ୍ୱତୀ ଏମିତି କେବେ କିଛି କହିଛନ୍ତି କି ମତେ ? ଦୀର୍ଘ ଦଶ ନା କୋଡ଼ିଏ ବର୍ଷ ତଳକୁ ଗଲି । ବାହାଘରର ପ୍ରଥମ ପ୍ରଥମ ଦିନକୁ ବି... , ନା କିଛି ମିଳିଲା ନାହିଁ। ସେ ତାଙ୍କର ଘରକରଣା , ଠାକୁର ପୂଜାର୍ଚ୍ଚନା, ମାନସିକ, ଟିଭି ସିରିଏଲ ଆଉ ମୋବାଇଲ। ସାଧାରଣ ଦିନ ଆଉ ସାଧାରଣ ରାତି । ରୋମାଞ୍ଚିତ ହେଲା ଭଳି କିଛି ନାହିଁ କେବେ ନ ଥିଲା ବି । ଫୁଲର ଶେଜ ନଥିଲା । କଣ୍ଟା ବି ନ ଥିଲା । ସାମାନ୍ୟ ବୈବାହିକ ଜୀବନ। ମୁଁ କେବେ ଆପତ୍ତି ଅଭିଯୋଗ ବି କରି ନ ଥିଲି ।

ପ୍ରିୟା ବୟସରେ ନିହାତି ସାନ ମୋ ଠାରୁ । ପ୍ରଥମେ ତା'ଠାରୁ ବନ୍ଧୁ ହେବାର ଅନୁରୋଧ ଆସିଥିଲା ଫେସବୁକରେ। ମୁଁ କିନ୍ତୁ ତା'ର ବନ୍ଧୁତାକୁ ଗ୍ରହଣ କରି ନ ଥିଲି।

ସେ କେଉଁଠୁ ମୋ ଫୋନ୍ ନମ୍ବର ପାଇଲା କେଜାଣି ? ହଠାତ୍ ଦିନେ ଫୋନ୍ କଲା।

-' ରାଜ୍... ! ରାଇଟ୍ ?

-' ହଁ, କିଏ କହୁଛ ?

-' ଟ୍ରୁ କଲର୍ ରେ ମୋ ନାଁ ପାଇଯିବ। ତଥାପି କହୁଛି। ମୁଁ ପ୍ରିୟା। ତୁମ ଗଳ୍ପ ସବୁର ମୁଁ ଜଣେ ବିଦଗ୍ଧ ପାଠକ, ମାନେ ପାଠିକା.. !' ତା' ପରକୁ ଖିଲି ଖିଲି ହସ। ସତେ ଝରଣା ଟିଏ।

ତା'ପରେ ଆମେ କଥା ହେଉଥିଲୁ । କେମିତି କେଜାଣି ସେ ବୁଝୁଥିଲା ଯେ ମୁଁ ମୋ ବିଷୟରେ ତା' ମୁହଁରୁ ଶୁଣିବାକୁ ବ୍ୟଗ୍ର ହୋଇ ଉଠିଥିଲି ବୋଲି।

ପ୍ରିୟା ଥରେ କହିଲା -' ମୁଁ ଜାଣେ ତୁମ ମନ କ'ଣ କହୁଛି ! ତୁମେ ଟିକିଏ ପ୍ରେମ ପାଇବାକୁ ବ୍ୟାକୁଳିତ। ଅଥଚ ମରୀଚିକା ଛାତିରେ ତୁମେ ପ୍ରେମାତୁର ଜଣେ ତୃଷିତ ପଥିକ। ତୁମ ଲେଖାରେ ତାହା ହିଁ ପ୍ରତୀତ ହୁଏ।' ମୁଁ ନୀରବ ରହିଲି । ସତରେ ପ୍ରେମ ଭଳି କିଛି ଆବଶ୍ୟକତା ସୃଷ୍ଟି ହେଉ ଥିଲା କି ମୋ ଭିତରେ ? ପୁଣି ଏ ବୟସରେ !! ମୁଁ ମନା କରିଥିଲି । କହିଥିଲି ମୁଁ ବିବାହିତ।

ପ୍ରିୟା ମୋ କଥା ଶୁଣି ହସିଥିଲା।



ସୁଦର୍ଶନ ମହାପାତ୍ର

-' ମୁଁ ଜାଣେ ଜୀବନ ସହିତ ସଲାସୁତୁରା କରି ସମୟ କାଟୁଛ ତୁମେ। ମୋ ସହ କିଛି କଥା ହେଲେ ତୁମର ପବିତ୍ରତା ନଷ୍ଟ ହୋଇ ଯିବନି। ମୁଁ ତ କହିବି ତୁମକୁ ମୁଁ ଭଲପାଏ ବୋଲି। ମୁଁ ଏକଥା ବି ଜାଣେ ତୁମେ ମୋର ହୋଇ ପାରିବନି ଆଉ ଏ ଜନ୍ମରେ। ତଥାପି ମୁଁ ତୁମକୁ ନେଇ ସ୍ୱପ୍ନ ଦେଖେ ।'

ମୁଁ ରୋମାଞ୍ଚିତ ହେଉଥିଲି ।

-' ବିବାହିତ ପୁରୁଷକୁ ପ୍ରେମରେ ପଡ଼ିବା ମନା ? ସମସ୍ତଙ୍କର ପ୍ରେମ କରିବାର ଅଧିକାର ଅଛି କାରଣ ସମସ୍ତଙ୍କର ହୃଦୟ ଅଛି। ବାସ୍। ଏଥିରେ କୁଣ୍ଠାବୋଧ କାହିଁକି ?'

-' ବୋଧହୁଏ ମୋ ପୁଅର ଏବେ ସେ ସମୟ। ଏ ପାଚିଲା ବାଳରେ, ପ୍ରେମ କଣ ?' ମୁଁ ମିଛିମିଛିକା ବିରୋଧ କରିଥିଲି ।

ପ୍ରିୟା ନିଜ ଆଡୁ ଆଉ କିଛି କହି ନ ଥିଲା। ମୁଁ ତାକୁ କହିଥିଲି, ' ତୁମେ ଆଉଥରେ ବାହା ହେଇଯାଅ।'

-'ତୁମେ ମିଳିଲେ ନିଶ୍ଚୟ କରିବି।' ସେ ଚଟାପଟ ଉତ୍ତର ଫେରାଇ ଥିଲା।

ମୁଁ ପ୍ରିୟା କଥାରେ ଉତ୍ତ ?ଜିତ ହୋଇ ପଡୁଥିଲି। ଧୀରେ ଧୀରେ ତରଳି ଯାଉଥିଲି ବୋଧହୁଏ...।

ଶାଶ୍ୱତୀ ଶୋଇଛନ୍ତି ବେଶ୍ ନିଶ୍ଚିନ୍ତ ହୋଇ। ମୁଁ ତାଙ୍କର ନିଦ ଭାଙ୍ଗୁ ନଥିଲି ଅଥଚ ବିଶ୍ୱାସ ଭାଙ୍ଗୁଥିଲି । ଆଉ କାହାକୁ ମୋ ପାଖକୁ ଆସିବାକୁ ସୁଯୋଗଟିଏ ସୃଷ୍ଟି କରୁଥିଲି... !!

ଶାଶ୍ୱତୀ ପ୍ରେମିକା ହେଇପାରି ନାହାନ୍ତି କେବେ ବି । ସ୍ତ୍ରୀ ହେଇଛନ୍ତି। ମୁଁ ସ୍ୱାମୀ ଧର୍ମରେ ବି ଅଛି । ବେଶ୍ ସମୟ ଯାଏଁ ସେ ରାତିରେ ତଉଲୁ ଥିଲି ନିଜକୁ ।

ପ୍ରିୟା କଣ ସତରେ ଚାହେଁ ମୋତେ !! ଥରେ ପ୍ରିୟା ଏମିତି କହିଲା -' ରାଜ୍, ତୁମେ ମୋର ଆଉ ଏକ ଜୀବନ। ଏ ଜନ୍ମରେ ନହେଲେ ତୁମକୁ ପାଇବା ପାଇଁ ଆଉ ଗୋଟିଏ ଜନ୍ମ ପର୍ଯ୍ୟନ୍ତ ଅପେକ୍ଷା କରିବି।'

ମୁଁ ହସିଥିଲି । କହିଥିଲି 'ଆର ଜନ୍ମ ନୁହେଁ। ଅଷ୍ଟମ ଜନ୍ମ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ। ସାତ ଜନ୍ମ ପର୍ଯ୍ୟନ୍ତ ପତ୍ନୀ ଙ୍କୁ କଥା ଦେଇଛି। ପ୍ରତିଜ୍ଞା ଭାଙ୍ଗିବି କେମିତି ?'

-' ତେବେ ଠିକ୍ ଅଛି। ତୁମ କଥା ଅନୁସାରେ ଅଷ୍ଟମ ଜନ୍ମ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଛଘୁଞ୍ଚା ଦେବି ନାହିଁ। ହେଲେ ଏ ଜନ୍ମରେ ଥରେ ହେଲେ ତୁମ ସାନ୍ନିଧ ପାଇଁ ମୁଁ ବ୍ୟାକୁଳ। ଥରେ ହେଲେ ତୁମ ସେବା କରିବାକୁ ମୋତେ ସୁଯୋଗ ଦିଅ। ମୋର ଏ ଜନ୍ମ ସାର୍ଥକ ହୋଇଯିବ।' ମୋ ପାଖରେ ଉତ୍ତର ନଥିଲା । ମୁଁ ନିଜକୁ ଧୋକା ଦେଲା ଭଳି ଲାଗିଲା । ଶାଶ୍ୱତୀ ଜାଣିଲେ କଣ କହିବେ ? ଶାଶ୍ୱତୀ ଙ୍କ ଆଡକୁ ଚାହିଁଲି । ମୁଦା ଆଖି ଦୁଇଟିରେ ଯେମିତି ପ୍ରଶାନ୍ତି ଭରି ରହିଥିଲା। ଏକ ଗଭୀର ପ୍ରତ୍ୟୟ ଭାବର ମୁଦ୍ରା ତୋଳି ଆଖି ଦୁଇଟି ବୁଜି ହୋଇଯାଇଛନ୍ତି।

ଶାଶ୍ୱତୀଙ୍କ ମୁଣ୍ଡରେ ହାତ ବୁଲେଇ ଆଣିଲି ମୁଁ। ମଥାରେ ବୋକଟିଏ ଦେଲି , କହିଲି ଆଗ ଜନ୍ମରେ ପୁଣି ସାତ ଜନ୍ମ ପାଇଁ ମାଗି ନେବି ତୁମକୁ । ତା ଆଗ ଜନ୍ମରେ ପୁଣିଥରେ... !!!

'ହନିଟ୍ରାପ କୁଇନ୍ ପ୍ରିୟା (ଛଦ୍ମନାମ) ପୋଲିସ ହାଜତରେ' ଶୀର୍ଷକ ପରଦିନ ପ୍ରତି ଖବରକାଗଜର ମୁଖ୍ୟ ସମ୍ବାଦର ମର୍ଯ୍ୟାଦା ପାଇଥିଲା। ମୁଁ ଆତ୍ମତୃପ୍ତି ଲାଭ କଲି । ସେନାଧିକାରୀ ରାଜୀବ ସାମନ୍ତରାୟଙ୍କ ଠାରୁ ଦେଶର ପ୍ରତିରକ୍ଷା ସମ୍ବନ୍ଧୀୟ ତଥ୍ୟ ଆହରଣ କରିବା ଏତେଟା ସହଜ ନୁହେଁ ବୋଲି ଭାବି ମୁଁ ନିଜକୁ ନିଜେ ବଧେଇ ଦେଇ ଉଲ୍ଲସିତ ହୋଇ ଉଠୁଥିଲି... !!!

ଟିଭିରେ ହନିଟ୍ରାପ ସମ୍ବନ୍ଧୀୟ ବ୍ରେକିଂ ନ୍ୟୁଜ ଦେଖି ଶାଶ୍ୱତୀ ମୋ ଆଡକୁ ଆଶ୍ଚର୍ଯ୍ୟ ଚକିତ ଦୃଷ୍ଟିରେ ଚାହିଁଲେ। ମୁଁ ଜାଣେ ସେ ଏ ପ୍ରହେଳିକା କୁ ବିଶ୍ୱାସ କରିପାରୁ ନାହାନ୍ତି।

-' ରାଜୀବ, କେତେ ଜନ୍ମର ତପସ୍ୟା ବଳରେ ତୁମକୁ ମୁଁ ପାଇଛି କହି ପାରିବି ନାହିଁ। ମାତ୍ର ମୁଁ ବୋଧହୁଏ ତୁମ ପାଇଁ ସଠିକ ଚୟନ ନୁହେଁ ବୋଲି ନିଜେ ଅନୁଭବ କରୁଛି। ତୁମ ପ୍ରତି ମୋର ଉଦାସୀନତା ପାଇଁ ପାର ତ ମୋତେ କ୍ଷମା କରିଦିଅ। ମୁଁ ତୁମକୁ କିନ୍ତୁ ମୋ ପ୍ରାଣ ଠାରୁ ବି ବେଶି ଭଲପାଏ। ବିଶ୍ୱାସ ବି କରେ.. !'

ମୋ କାନ୍ଧରେ ମଥାରଖି ଝରଝର କାନ୍ଦୁଥିଲେ ଶାଶ୍ୱତୀ। ଏକ ନୂଆ ଜୀବନ ଫେରି ଆସୁଥିଲା ଆମ ଦୁହିଁଙ୍କ ପାଇଁ... !!!

*କୁଞ୍ଜବିହାରୀ ଲେନ, କଟକ*

## ପଡୋଶୀ !

ଶ୍ୟାମବାବୁ ଆଉ ଅଗାଧୁବାବୁ ଦୁଇ ପଡୋଶୀ । ସ୍ୱଭାବରେ ଶ୍ୟାମବାବୁ ଶାନ୍ତିପ୍ରିୟ, ସରଳ, ଉଦାର, ନିଷ୍କପଟ, ନିଃସ୍ୱାର୍ଥପର, ପରୋପକାରୀ ଓ ମିଷ୍ଟଭାଷୀ ହୋଇଥିବା ବେଳେ ଆଗାଧୁବାବୁ, କଳହପ୍ରିୟ, ବିଶୃଙ୍ଖଳ, ଅବିବେକୀ, ଅହଙ୍କାରୀ, କପଟାଚାରୀ, ସ୍ୱାର୍ଥପର ଓ ରୁକ୍ଷଭାଷୀ। ଜଣେ ଭଲ ପଡୋଶୀ ହିସାବରେ ଶ୍ୟାମବାବୁ ଯେତେବେଳେ ଅଗାଧିବାବୁଙ୍କୁ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ଭାଷଣ ଜଣେଇବାକୁ ଆଗୁସାର ହୁଅନ୍ତି, ସେତେବେଳେ ଅଗାଧୁବାବୁ ସେମନ୍ତ ସୌଜନ୍ୟକୁ ଅସ୍ୱୀକାର କରି ତଳମୁହାଁ ଭଙ୍ଗୀରେ ବାଟଭାଙ୍ଗି ଚାଲିଯାଆନ୍ତି । ଅଗାଧୁବାବୁଙ୍କର ଏମନ୍ତ ଅବାଗିଆ ଆଚରଣ ଶ୍ୟାମବାବୁଙ୍କୁ ଖରାପ ଲାଗିବା ସ୍ୱାଭାବିକ କଥା। ତେବେ 'କହି ହେଉନଥାଏ କି ସହି ହେଉନଥାଏ' ନ୍ୟାୟରେ ମଝିରେମଝିରେ ମନେମନେ ସେ ଅଗାଧୁବାବୁଙ୍କୁ ଶୋଧନ୍ତି, 'ଧେତ୍, କି ଅଭଦ୍ର ଲୋକଟି ହୋ ? ଆସି ବୁଢ଼ା ହେଲାଣି, ଅଥଚ ପଡୋଶୀ ସହିତ କେମିତି ସମ୍ପର୍କ ରଖିବାକୁ ହୁଏ, ସେତିକି ଆଜିଯାଏଁ ଶିଖି ପାରିଲାନାହିଁ। ରାସ୍କ ?ଲ, ପାଜି କୋଉଁଠିକାର !' ତଥାପି 'ଆଲୋ ସଖି, ଆପଣା ମହତ ଆପେ ରଖି' ନ୍ୟାୟରେ ଶ୍ୟାମ ବାବୁ ନିରବ ରହନ୍ତି ଏବଂ ଯଥାସମ୍ଭବ ଆଗାଧୁବାବୁଙ୍କ ଠାରୁ ନିଜକୁ ସଦାସର୍ବଦା ଦୂରେଇ ରଖନ୍ତି । ଦିନକର ଘଟଣା । ହଠାତ୍ ଅଗାଧୁବାବୁଙ୍କର ମୃଦୁ ହୃଦଘାତ ହେଲା । ଅତଃପର ବେମାରିଗ୍ରସ୍ତ ହୋଇ ଶଯ୍ୟାଶାୟୀ ଥିବା ଅବସ୍ଥାରେ ସେ ଶ୍ୟାମବାବୁଙ୍କୁ ପାଖକୁ ଡାକି କହିଲେ, 'ଭାଇ, ଦେଖୁଛନ୍ତି ତ ବେମାରିରେ ପଡ଼ି କେମିତି ମୋ ଅବସ୍ଥା ବାର ବାଜିବାକୁ ବସିଛି ! କେଉଁ ମୁହୂର୍ତ୍ତରେ ଆରପାରିକୁ ଯିବାପାଇଁ ମୋ ପାଖକୁ ସମନ ଆସିଯାଇପାରେ ! ତେବେ କଥା କ'ଣ କି, କୌଣସି କାରଣ ନଥାଇ ଆମେ ଆମ ନିଜ ନିଜ ଭିତରେ ଈର୍ଷା, ଦ୍ୱେଷ, ଅସୂୟା, ପରଶ୍ରୀକାତରତା ଏବଂ ସର୍ବୋପରି ଶତ୍ରୁତାକୁ ଅନେକଦିନ ଧରି ସଯତ୍ନରେ ବଢେଇ ଆସୁଅଛୁ । ବାସ୍ ବହୁତ୍ ହୋଇଗଲା , ଆଉ ନୁହେଁ। ମୁଁ ଏବେ ଅତୀତଦିନର ଅପ୍ରୀତିକର ଘଟଣା ସବୁକୁ ଭୁଲିଯାଇ ଆପଣଙ୍କ ସହିତ ଉତ୍ତମ ପଡୋଶୀ ସମ୍ପର୍କ ସ୍ଥାପନ ପୂର୍ବକ ବନ୍ଧୁତ୍ୱପୂର୍ଣ୍ଣ ମିଳାମିଶା କରିବାକୁ ଚାହୁଁଅଛି । ଚାଲନ୍ତୁ, ଏବେଠାରୁ ଆମେ ଆମ ପରସ୍ପର ପ୍ରତି କାଦୁଅ ଫିଙ୍ଗାଫିଙ୍ଗି ଆଦତରୁ କ୍ଷାନ୍ତ ରହିବା । ଦେଖନ୍ତୁ ଶ୍ୟାମବାବୁ, ମୋ ଜାଣତରେ ହେଉ ଅବା ଅଜାଣତରେ, ମୁଁ ଯଦି ଆପଣଙ୍କ ପ୍ରତି କୌଣସି ମନ୍ଦ ଆଚରଣ ପ୍ରଦର୍ଶନ କରିଥାଏ, ତେବେ ତାହା ଆପଣ ଆପଣଙ୍କ ମହତ୍ ଗୁଣରେ ମୋତେ କ୍ଷମା କରିଦେବେ । ଆଉ ମୋର କିଛିକଥାକୁ ଯଦି ଆପଣ ଆପଣଙ୍କ ମନରେ ଗଣ୍ଠି



**ରାଧାଶ୍ୟାମ ରାଉଳ**

କରିରଖିଥିବେ, ତେବେ ସେ ଗଣ୍ଠିକୁ ଫିଟେଇ ଫାଟେଇ ଦେବେ । ଯାନି ସେସବୁକୁ ମନରୁ ପାସୋରି ଦେବେ ପ୍ଲିଜ୍ !' ଶ୍ୟାମବାବୁ ଦେଖିଲେ, ଅଗାଧୁବାବୁ ବେମାରିରେ ପଡ଼ି ଏହାଭିତରେ ବହୁତ୍ ବଦଳିଯାଇଛନ୍ତି । ଅବଶ୍ୟ ଏମିତି ଦେଖିଲେ, ଅବାଗିଆ ଲୋକମାନେ ଆଘାତ ପାଇଲେ କି ଠୁକ୍କର୍ ଖାଇଲେ ଠିକ୍ ହୋଇଯାନ୍ତି ସହି ରାସ୍ତାକୁ ଆସିଯାଆନ୍ତି !

ଅତଃପର ଦୁଇ ପଡୋଶୀ ହାତ ମିଳେଇଲେ, ଛଳଛଳ ଆଖିରେ ଦୁଃଖସୁଖ ହେଲେ, ଖଟାମିଠା ଅନୁଭୂତି ବି ବଖାଣିଲେ।

ଠିକ୍ ସେଇସମୟରେ, ଚେକଅପ୍ ପାଇଁ ଡାକ୍ତର ମହାଶୟ ଅଗାଧୁ ବାବୁଙ୍କ ଘରେ ପହଞ୍ଚିଲେ। ଶ୍ୟାମବାବୁ ଅଗାଧୁବାବୁଙ୍କ ଠାରୁ ବିଦାୟ ନେବାକୁ ପ୍ରସ୍ତୁତ ହେଇଥିବା ବେଳେ, ଅଗାଧୁବାବୁ ଭାବବିହ୍ୱଳ ତଥା ଛଳଛଳ ଯୁକ୍ତ ଅଭିନୟ ଅବସ୍ଥା ତେଜି ନିଜର ସ୍ଥିତାବସ୍ଥା ( ଯାନି ନିଜର ଅଭ୍ୟାସଗତ ଅବସ୍ଥା)ରେ ଉପନୀତ ହେଲେ । ତୁରନ୍ତ ପ୍ରସ୍ଥାନ ପ୍ରୟାସୀ ଶ୍ୟାମବାବୁଙ୍କୁ ସେ ଛିଗୁଲେଇ କହିଲେ, 'ହୋ ବନ୍ଧୁ, ଦୟାକରି ଯିବାପୂର୍ବରୁ କାନଖୋଲି ଟିକେ ଶୁଣି ଯାଆନ୍ତୁ, ଯଦି ଈଶ୍ୱରଙ୍କ ଅପାର କୃପା ଓ କରୁଣାରୁ ମୁଁ ମୋର ଏ ବେମାରିରୁ ଆଶୁ ଆରୋଗ୍ୟ ଲାଭ କଲି, ତେବେ ଯେଉଁ ଉତ୍ତମ ପଡୋଶୀ ସମ୍ପର୍କ ଓ ବନ୍ଧୁତ୍ୱପୂର୍ଣ୍ଣ ମିଳାମିଶାର କଥା ସମ୍ପର୍କରେ ଜଷ୍ଟ ଏବେ ଆମେ ଆଲୋଚନା କରୁଥିଲୁ, ସେମନ୍ତ ସମ୍ପର୍କ ଅନିର୍ଦ୍ଦିଷ୍ଟ କାଳପାଇଁ ରଦ୍ଦ ହୋଇଯିବ ଏବଂ ସମ୍ପୂର୍ଣ୍ଣ ଅବୈଧ ସାବ୍ୟସ୍ତ ହେବ । ଅପରପକ୍ଷେ ଆମ ଭିତରେ ଥିବା ବିଦ୍ୱେଷପୂର୍ଣ୍ଣ ସମ୍ପର୍କ ପୂର୍ବବତ୍ ଚାଲୁରହିବ । ନମସ୍କାର ।'

ଅଗାଧୁବାବୁଙ୍କ ଦୋମୁହାଁ ନୀତି ଓ ପଟ ପରିବର୍ତ୍ତନ ପ୍ରକୃତିରେ ଶ୍ୟାମବାବୁ ସ୍ତବ୍ଧ ଚକିତ ହେଲେ । ଅଗତ୍ୟା ସେ ମନେମନେ ଅଗାଧୁବାବୁଙ୍କୁ ଶୋଧିବାକୁ ଲାଗିଲେ, ' ମୁଁ କଣ, ଆମ ସମାଜରେ କେହି ବି ତୋତେ କସ୍ମିନକାଳେ ସୁଧାରି ପାରିବେ ନାହିଁ । ହଇରେ ଚରଣଚୁଟିଆ ଜୀବ, ତୁ ସେମିତି ବେମାରିଆ ହୋଇ ପଡ଼ିରହିଥା', ତୋ ମରିବା ପର୍ଯ୍ୟନ୍ତ !'

*ଡୁପ୍ଲେକ୍ସ: ୧୦(ବି), ବୀମାବିହାର, ମର୍କତ ନଗର ସେକ୍ଟର:୬, କଟକ: ୭୫୩୦୧୪ ମୋ : ୯୪୩୭୦୯୦୯୮୫*

## ବୋଉ

*ସୁରେଶ ଚନ୍ଦ୍ର ମହାରଣା*



ଅଭିଧାନର ଅନନ୍ୟ ଶବ୍ଦ
ଶ୍ରେଷ୍ଠ ବନ୍ଧନ ରକ୍ତର...
ନିଃସ୍ୱାର୍ଥପର ସେବାର ବାରିଧି
ଅସରନ୍ତି ଭଣ୍ଡାର ସ୍ନେହ ଓ ମମତାର
ଯାହା...
ଅଛିଣ୍ଡା, ଅସୀମ
ଅବ୍ୟକ୍ତ ଓ ଅମଳିନ ।
ଯାହାର ବିଚ୍ଛେଦ ଆଣେ...
ଅପୂରଣୀୟ ଶୂନ୍ୟସ୍ଥାନ,
ଯାହା ବିନା ସବୁ ସୁଖ ତୁଚ୍ଛ
ପୂର୍ଣ୍ଣିମାରେ ନିଘୋଡ ଅନ୍ଧାର,
ଯେତେ ସବୁ ସୁସ୍ୱାଦୁ ବ୍ୟଞ୍ଜନ
ପାରେ ନାହିଁ ମନ ଜିଣି
ପେଟ ପୁରେ, ହେଲେ ମନତ ଅଧୀର
।
ସମସ୍ତ ନିଶା ବି ଅସମର୍ଥ
ଦେବାପାଇଁ ତା କୋଳର ସୁଖନିଦ୍ରା
ତା ପଣତ ଶକ୍ତ ଢାଲ ସମ
ମୋ ସୁରକ୍ଷା ବ୍ରତ ତା'ର ସଦା ।

ଦେବାରେ ଯା ପରମ ଆନନ୍ଦ
ପ୍ରତିଦାନେ ଚାହେଁ ନାହିଁ କିଛି
ତା ସୃଷ୍ଟିର ମଙ୍ଗଳ ବିଧାନେ...
ସବୁ ସୁଖ ପାରେ ଯେ ମୁରୁଛି
ସେ ନୁହେଁ ଆଉ କେହି..
ହୋଇପାରେ କେବଳ ଜନନୀ ,
କାହା ପାଇଁ ମମି ମାମା ହେଉ
ମୋ ପାଇଁ ସେ ପ୍ରେମସୁଧା ଧାର
କେବଳ ହିଁ ବୋଉ, ବୋଉ, ବୋଉ ।

*ଶିକ୍ଷକ*
*ଏଲପଡା , ଭାପୁର ,*
*ନୟାଗଡ*

## ଦୂର ଦିଗବଳୟ

*ଜଗଜ୍ଜୀବନ ସା*



ମୋ ଆଖିରେ ଦିଶେ
ଦୂର ଦିଗବଳୟ
ତାଳେ ତାଳେ ନୀଳ ଆକାଶର
ଛାଇ ତଳେ ସୁନୀଲ ପାହାଡ଼
ପୁଣି
ମୋ ଆଖିରେ ଦିଶେ
ଦୂର ପାହାଡ଼ ପାଦଦେଶରେ
ଅନାବନା ବନାନୀ
ଆଉ
କିଆରୀ ବିଲର କେଣ୍ଡା କେଣ୍ଡା
ଧାନ ଫସଲରେ
ମୁଣ୍ଡ ନୁଆଇଁ ଅଣ୍ଟା ବଙ୍କ ?ଇ
ହାତରେ ଦା ଧରି
ସୁମଧୁର ସ୍ୱରେ ଗୀତ ଗାଇ
ଚଷା ହସି ହସି ଶସ୍ୟ କାଟେ
ମାଟି ମାଆକୁଳେ।
ମୋର ଆଖିରେ ଦିଶେ
ଆମ ଗାଁ ସଡ଼କ ପଥ
ଦୂର ଦିଗବଳୟରେ ମିଶେ
ଏପଟେ ଆମ ଗାଁ ପୋଖରୀ ତୁଠ,
ନଈ କୂଳ ଆମ୍ବତୋଠା
ବରଗଛ ମୂଳ
ଯେଉଁ ଗଛେ ମୁଁ ପିଲାଦିନେ
ଖେଳୁଥିଲେ ହାଡ଼ ବାନ୍ଧୁ, ନାନା ଖେଳ
ମୋ ମାଆ ଆସି ପିଟେ।
ସେପଟେ ଦିଶେ
ମୋ ଗାଁ ଭୁଆସୁଣୀ
କୂଳବଧୂ, ନଈ କୂଳରେ
ମୋ ପାଇଁ ଜିଇଁତା
କେତେ ଉଷା ବରତ କରେ,
ପୁଣି
ମୋ ଆଖିରେ ଦିଶେ
ସଡ଼କ ଦୁଇ ପଟ ଗୋଚର ଭୂଇଁ
ଗାଇଆଳି ବୁଢ଼ା ଗୋରୁଗୋଠେ
ଅମ୍ବାରଡ଼ି ଶୋଭେ।
ସେଇ ମୋ ଗାଁ
ଦୂର ଦିଗବଳୟେ
ଶ୍ମଶାନ ଘାଟ
ଜନମ ମରଣ ହିସାବ ରଖେ
ଆସିଛୁ ଏକା ଯିବୁ ତୁ ଏକା
ଶୂନ୍ୟ ହୋଇ ବାରତା ଦିଏ
ଦୂର ଦିଗବଳୟେ
ମାଟି ବୁକୁରେ
ହାଡ଼, ମାଉସ ଭରା ଦେହ ମିଶେ।

*କୁମ୍ଭାରୀ, ଗୋଲାମୁଣ୍ଡା*
*କଳାହାଣ୍ଡି।*
*ମୋ -୮୦୧୮୫୩୭୨୮୮*

## ଫେରିଯା ଅତିଥି

*ଭାସ୍କର ବାରିକ୍*



ବରଷକେ ଥରେ ଖାଦ୍ୟ ଅନ୍ୱେଷଣେ
ସାଙ୍ଗ ପରିବାର ନେଇ
ଯୋଯନ ଯୋଜନ ଉଡି ଆସୁଅଛ
କେତେ ସୀମାରେଖା ଡେଇଁ ।
ନିଳାମ୍ବୁ ଚିଲିକା ଫାଟି ପଡୁଅଛି
ଖୁସି ଜଳକ୍ରୀଡ଼ା ଦେଖି
ରଙ୍ଗ ବେରଙ୍ଗର ରୂପରେ ତୁମର
ଖୁସିରେ ନାଚଇ ଆଖି ।
ପ୍ରକୃତିର ଦାନ ନୀଳ ଜଳରାଶି
ଅତିଥି କୋଳେଇ ନିଏ
ଅବିବେକୀ ପଣେ ନିଷ୍ଠୁର ମଣିଷ
ତୋତେ କିବା ଛାଡିଦିଏ ?
ଅନ୍ତର ଭିତରେ ଲୁଚିଛି କାମନା
ନରମ ମାଉଁସ ଲୋଭ
ମିଳିଲେ ସୁଯୋଗ ମଣିଷର ଜିଭ
ହାଡ ମାଂସ ଚାଟିନେବ ।
ଡାହାଣିଆ ଆଖି ଲୋଲୁପ ଚାହାଁଣୀ
ରହିଛି ବ୍ୟାଧ ଅନେଇ
ତୋ ଦୁଃଖ ଯନ୍ତ୍ରଣା କେହି ବୁଝିବେନି
ଅକାଳରେ ଯିବୁ ଶୋଇ ।
ନିଷ୍ଠୁର କାମାନ୍ଧ ମଣିଷ କାଟୁଛି
ମଣିଷର କଳିଜାକୁ
କିଏବା କାହିଁକି ବୁଝିବ ଯନ୍ତ୍ରଣା
ପକ୍ଷୀ ତୋର ହୃଦୟକୁ ।
ଅତିଥି ଭାବରେ ଆସିଅଛୁ ସତ
ଆଦର ପାଇବୁ ନାହିଁ
ଫେରିଲା ବେଳକୁ ମ୍ରିୟମାଣ ହେବୁ
କିଛି ଆତ୍ମୀୟ ଥିବେ ନାହିଁ ।
ନୀଳ ଜଳରାଶି ହୋଇବ ରକ୍ତାକ୍ତ
ଦେହରୁ ରକତ ଝରି
ଫଡ ଫଡ ଶବ୍ଦ ବିକଳ ଚିତ୍କାର
ଯାଇଥିବ ଛାତି ଚିରି ।
ପେଟ ଭୋକ ସିନା ଟାଣି ଆଣୁଅଛି
ସୁଦୂର ଚିଲିକା ବୁକେ
ସରଳ ସାରସ କାହୁଁ ତୁ ବୁଝିବୁ
ମଣିଷର ଭୋକ କେତେ ।
ବିଷାକ୍ତ ବାଟୁଳି ତୀକ୍ଷ୍ଣ ଧନୁତୀର
ଜାଲରେ ବିଷାକ୍ତ ଖାଦ୍ୟ
ଜାଣି ପାରିବୁନି ଶିକାରୀର ଛନ୍ଦ
ହେଇଯିବୁ କେବେ ବନ୍ଧ ।
ଏ ମଣିଷ ଜାତି ଭାରି ନିରିଦୟ
ଦୟା ମାୟା ତା'ର ନାହିଁ
ଇନ୍ଦ୍ରିୟ ଲାଳସା ମେଣ୍ଟାଇବା ପାଇଁ
ଯାଇଅଛି ଅନ୍ଧ ହୋଇ ।
ଫେରିଯା ସାରସ ଦଳବଳ ସହ
ସୁଦୂର ସାଇବେରିଆ
ପକ୍ଷୀର ମାଂସରେ ଭୋଜିଭାତ ପାଇଁ
ବ୍ୟାଧର ଆଖିରେ ନିଆଁ ।
ବାହୁଡି ଯାଆରେ ଅତିଥି ବିହଙ୍ଗ
ଜୀବନଟା ବଞ୍ଚିଯିବ
ରହିଲେ ଏଇଠି ବର୍ବର ମଣିଷ
ତଣ୍ଟି ତୋର କାଟିଦେବ ।

*ବାସୁଦେବପୁର, ଭଦ୍ରକ*
*ଦୂରଭାଷ ୯୪୩୭୩୨୦୩୫୦*

## ସମ୍ପର୍କ

*ଆଦ୍ୟାଶା ମହାପାତ୍ର*



ସମ୍ପର୍କର ସୂକ୍ଷ୍ମ ପାଟଡୋରିରେ
ବନ୍ଧା ଥାଏ ଜୀବନ
ସମ୍ପର୍କକୁ କେନ୍ଦ୍ର କରି
ସଂସ୍କୃତି, ସଭ୍ୟତା, ପରମ୍ପରା
ନ୍ୟାୟ, ନୀତି, ଧର୍ମ
ଐତିହ୍ୟର ପରିକଳ୍ପନା
ସମ୍ପର୍କ ଫୁଲ ହୋଇ ଫୁଟେ
ଶିଶୁ ଓଠରେ ହସେ
ମଧୁ ହୋଇ ସଞ୍ଚିତ ହୁଏ
ଜ୍ୟୋସ୍ନା ହୋଇ ମଧୁକ୍ଷରା ହୁଏ
ଦେହରୁ ଦେହାତୀତ ହେବାକୁ
ପ୍ରେରଣା ଯୋଗାଏ
ସୁନ୍ଦର ମଧୁର
ଇନ୍ଦ୍ରଧନୁର ବର୍ଣ୍ଣିଳ ସେତୁଟିଏ ହୋଇ
ଦୁଇଟି ହୃଦୟ ଏକାତ୍ମ କରିଦିଏ ସମ୍ପର୍କ
ବୁଝାମଣାର ମୁରୁଜ ଆଙ୍କିଦିଏ
ମାଟିରୁ ଆକାଶ ସଂପ୍ରସାରିତ
ହୋଇଯାଏ
ସମ୍ପର୍କର ଅନାହତ ରାଗିଣୀ
ସମ୍ପର୍କ ବି ମୁରଚ୍ଛନା ତୋଳେ
ହୃଦୟର କୋଣ ଅନୁକୋଣରେ
ଦୃଷ୍ଟିର ଆରପଟେ
ଧୂଆଁଧାର ର ସେପାରିରେ
ଆକାଶ ଓ ସାଗର ମିଳନ ପରି
ଅନନୁଭବ ଅନୁଭବ ହିଁ ସମ୍ପର୍କ
ଟୋପା ଟୋପା ବର୍ଷାରେ ଅଭିଷିକ୍ତ
ରୌଦ୍ରଦଗ୍ଧ ମାଟିର ଶିହରଣରେ
ସ୍ପନ୍ଦିତ ଅନୁରାଗ ହିଁ ସମ୍ପର୍କ
ପ୍ରେମ, କରୁଣା, ଦୟା, ତ୍ୟାଗ, ତିତିକ୍ଷା
ଆନନ୍ଦର ଦିବ୍ୟ ଅନୁଭବ ହିଁ ସମ୍ପର୍କ
ସମ୍ପର୍କ ହିଁ ଜୀବନ... !!!

*ନୂଆପଡା , କଟକ*

## ଫେରିଆରେ ସମୟ ତୁ ଫେରିଆ ଥରେ

*କବିରତ୍ନ ନୂତନ କୁମାର ବେହେରା*



ଘନ ଅନ୍ଧକାର ରାତ୍ରି ପାହି ଗଲା ପରେ
ସୁନେଲି ସକାଳ ଆସେ ନବ
ସୂର୍ଯ୍ୟୋଦୟରେ
ସାରା ମୁଲକ ତାର ଆଭାର ପ୍ରଭାରେ
ମନୋରମ ସୌନ୍ଦର୍ଯ୍ୟର ସୁଦୃଶ୍ୟ ପ୍ରକଟି
ନୟନର ଆଗେ ଉଠେ ଚହଟି
ରହେ ନାହିଁ କିଛି ଶଙ୍କା କି ଗ୍ଲାନି ମନରେ
ଏ ସଂସାର ହସଇ ତାହାରି ହସରେ
ଫେରିଆରେ ସମୟ ତୁ ଫେରିଆ ଥରେ
ତୁ ହିଁ ତ ନିଜେ ସବୁ ଆଣି ଦେଉ
ଆନନ୍ଦ ଉଲ୍ଲାସରେ ବିଭୋର କରାଉ
ବାଲ୍ୟରେ ହସ କୌତୁକର ବାଲ୍ୟ
ଚପଳତା
ସୁଧାରିବାକୁ ଭୁଲ୍ ତ୍ରୁଟିର ଧୃଷ୍ଟତା
ମାଆର ପଣତ ଆଖି ଲୁହ ପୋଛି ଦିଏ
ବାପାର ପ୍ରେରଣା ଆଗକୁ ନିଏ
ବସନ୍ତ ପରି ତୁ ନେଇ ଆସୁ ଯୌବନକୁ
ଫଗୁଣର ଫୁଲ ସାଥୀରେ ରଙ୍ଗ
ଖେଳିବାକୁ
ତୋ କୁହକ ମନ୍ତ୍ରରେ ଭରି ଦେଉ ମହକ
ଅପୂର୍ବ ଖୁସିରେ ନଚାଉ ପ୍ରାଣେ ଜାଗେ ପୁଲକ
ସୁଧାଧାରା ବରଷି ପଡ଼େ ଜୀବନରେ
ଫେରିଆରେ ସମୟ ତୁ ଫେରିଆ ଥରେ
ପଲ୍ଲବିତ ବୃକ୍ଷର ପତ୍ର ଯାଏ ଶୁଖି ଶୁଖି
ବିଷମ ପରିସ୍ଥିତି ଆସେ ହେଉ ଭାରି ଦୁଃଖୀ
ଡ଼ାଳରୁ ଫୁଲ ଫଳ ହୋଇଯାଏ ଶୂନ୍ୟ
ଝଡ଼ ବାତ୍ୟା ହେଉଛି ଘନ ଘନ
ଅସରନ୍ତି କଷ୍ଟ ଯନ୍ତ୍ରଣାର ଆସେ ଧାରା ଶ୍ରାବଣ
ଆଘାତ ଦିଏ କ୍ଷତବିକ୍ଷତରେ ଭୋଗୁ କଷଣ
ଅନ୍ତରର ଅର୍ନ୍ତଦାହରେ ଖାଲି ମାୟା ମୋହ
ଭଉଁରୀରେ ଅଟକେ ଜୀବନ ପ୍ରବାହ
ଗତି ହୁଏ ଅଧୋଗତି ହା-ଅନ୍ନର ଚାପରେ
ଜୀଇଁ ରହିବାର ସାତ୍ତ୍ୱିକ ଶକ୍ତି
ହୃଦୟରୁ ଦୂରେଇ ଯାଏ ଆସେ ବିରକ୍ତି
ପାପର ପଙ୍କରେ ପଡ଼ି ଖୋଜେ ଭବରୁ ମୁକ୍ତି
ଆଣି ଦେ ତୁ ମନ ପ୍ରାଣରେ ଭାବ ଭକ୍ତି
ସପ୍ତରଙ୍ଗୀ ଇନ୍ଦ୍ରଧନୁ ଚହଟୁ ଭାଗ୍ୟ
ଆକାଶରେ
କ୍ଷଣିକର ଏ ଜୀବନଟା ରହୁ ଟିକିଏ
ଶାନ୍ତିରେ
ଫେରିଆରେ ସମୟ ତୁ ଫେରିଆ ଥରେ
ଅନୁରୋଧ କରେ ଅନୁନୟରେ...।

କୋହି, ବାରିପଦା, ମୟୂରଭଞ୍ଜ,
ମୋ- ୮୦୧୮୩୫୩୩୨୨

## ସେଇ ଉଦାସ ଆଖି

*ସୁଧାକର ରାଉତ*



ତୁମେ ଫେରିବନି
ଅଫେରା ରାଇଜ ରୁ
ସମ୍ପର୍କର ସୁନା କ୍ଷେତରୁ
ତୁମ ସବୁଜିମା ଭରା ଶୂନ୍ୟତା ରୁ
ଆଉ ଦେଖିବନି
ମୋର ଆତୁରପଣ
କ୍ଳାନ୍ତ ଆକାଶ ତଳେ
ହାଇ ମାରୁଥିବା ମୋ ଏକାନ୍ତପଣ
ନୀରବତା ଅନ୍ଧାରରେ
ପ୍ରତି ରାତିରେ ବଦଳୁ ଥାଏ
ସପନର ନକସା
ଆଉ ଜୁଲୁଜୁଲୁ ଦିଶୁଥାଏ
ତା ଭିତରେ ମ୍ରିୟମାଣ
ଆଉ ବିଷାଦଭରା ଦୁଇଟି
ଛଳଛଳ ଆଖି ।
ମୁଁ ଉଦାସ ମନରେ ପାପୁଲି ବଢାଏ
ହଜାଇବା ଭିତରେ ପାଇବାକୁ ନୁହେଁ
ଖାଲି ତୁମ ଧୂଳିଧୂସରିତ ଭାଗ୍ୟରେ
ଆହା ପଦ ଶୁଣାଇବା ପାଇଁ ।
ମୋ ପୃଥିବୀ ଏବେ କାମନା ଶୂନ୍ୟ
ତୁମ ଜୀବନର ସୁନାକ୍ଷେତ
ମୋର ଏକାନ୍ତ କାମ୍ୟ ।

*ପ୍ରତାପ ନଗରୀ, କଟକ*
*ମୋ - ୮୨୪୯୯୩୨୭୯୨*

## ଅନୁତାପର ଅଶ୍ରୁ

ନିରଞ୍ଜନ ସାହୁ



ଅନେକ ଗୁଡିଏ ଭୁଲ କଲାପରେ
କରିଲିଣି ଅନୁତାପ
ଲାଗୁଛି ଯେମିତି ସାରା ଜୀବନଟା
କରିଅଛି ମହାପାପ ।
ପଛକୁ ଫେରିକି ଚାହିଁବା ବେଳକୁ
ସରିଗଲା ସବୁକିଛି
କୁମ୍ଭୀର କାନ୍ଦଣା କାନ୍ଦିଛି କେବଳ
ଲାଗୁଅଛି ମିଛିମିଛି
ନେଡ଼ିଗୁଡ଼ କହୁଣୀକୁ ବୋହିଗଲା
ଆଉ ପାଉନାହିଁ ମାପ ।
ବଳ ଥିବାବେଳେ ଧରାକୁ ସରା ମୁଁ
ମଣିଅଛି ଜୀବନରେ
ହାତ ମୁଠାମୁଠା କରେ ଆଜି ସିନା
ବଞ୍ଚିନାହିଁ ଧରମରେ
ପାପର ମାତ୍ରାଟା ଏତେ ଅଧିକା ଯେ
ପୁଣ୍ୟ ଖାଉନାହିଁ ମାପ ।
ଜୀବନେ ଏମିତି କାହିଁକି ଘଟିଲା
ଆଜି ମୁଁ ଭାବୁଛି ବସି
କିଛି କରିବାକୁ ନିରୁପାୟ ମୁହିଁ
ସମୟ ଯାଇଛି ଖସି
ଦେହ ଅବସନ୍ନ ମନ ବିଚଳିତ
ରହିଛି ନାନାଦି ଚାପ ।
ଭଲ କାମ ଯଦି କିଛି କରିଥାନ୍ତି
ହୋଇଥାନ୍ତା ଭାରି ଭଲ
ଆଜି ଭାବିହୁଏ ଭାରି କଷ୍ଟପାଏ
ଆତ୍ମା ହୁଏ କଲବଲ
ସମୟଟା ସିନା ଚାଲି ଯାଇଅଛି
ଛାଡିଗଲା କର୍ମ ଛାପ ।

*ନିହଲ ପ୍ରସାଦ, ଗଁଡିଆ ପାଟଣା*
*ଢେଙ୍କାନାଳ -୭୫୯୦୧୬*
*ମୋ : ୯୯୩୮୭୪୧୫୮୩*

## ଶିଶୁ

*ରତ୍ନକାନ୍ତି ମିଶ୍ର*



ଫୁଲଠୁ କୋମଳ ସତେଜ ସୁନ୍ଦର
ଶିଶୁର ସରଳ ମନ
ଝରଣା ପରିକା ଶୁଦ୍ଧ ନିରିମଳ
ମୋହିନିଏ ପ୍ରତି ପ୍ରାଣ ॥
କୁଳୁକୁଳୁ ନାଦ ଶବଦ ପରିକା
ଶିଶୁର ଦରୋଟି କଥା
ଗୁଲୁରୁ ଗୁଲୁରୁ ତା' କଥା ଶ୍ରବଣେ
ଦୂର ହୁଏ ମନୁ ବ୍ୟଥା ॥
ଚାନ୍ଦର ଜୋଛନା ସମ ଚାରୁମୟ
ଶିଶୁର ମୁରୁକି ହସ
ଦୁନିଆ ବୁକୁରେ ସବୁ ତା ଆପଣା
ସବୁ ହୃଦୟେ ତା ବାସ ॥
ତା ଭାଷା ମଧୁର ଛୁଆଁଇ ଅନ୍ତର
ସବୁ ଭାଷା ତା'ର ହସେ
ଆ' ଜହ୍ନମାମୁ ଡାକରେ ତାହାର
ଜହ୍ନ ବି ସରଗୁ ଖସେ ॥
ଶିଶୁଟେ ହସିଲେ ଦୁନିଆଁ ହସଇ
ନ ଦିଅ ତା ମନେ ଦୁଃଖ
ଶୈଶବ କାହାର ନହେଉ ପୀଡ଼ିତ
ନ ହେଉ ସେ ଉପେକ୍ଷିତ ॥
ନିଷ୍ପାପ ହୃଦୟ ନାହିଁ ଲୋଭ ମୋହ
ଲୋଡେ ତୁମ ବରାଭୟ
ସେ ପରା ଏ ଦେଶ ସମ୍ଭାବ୍ୟ ଦାୟାଦ
ଯାଚିଦିଅ ଶ୍ରଦ୍ଧା ସ୍ନେହ ॥
କ୍ଷୁଦ୍ର ବୀଜ ଗୋଟି ଆଜିର ଶିଶୁଟି
କାଲି ହେବ ମହାଦ୍ରୁମ
ଜାତି ସ୍ୱାଭିମାନ ସେବା ଶିକ୍ଷା ପାଇ
ହେଉ ସିଏ ସର୍ବୋତ୍ତମ ॥
ସୁନ୍ଦର ଏ ମହୀ ଦିଶେ ଶିଶୁ ପାଇଁ
ସେ ଯେ ଅମୃତ ସନ୍ତାନ
ତା' ଭିତରେ ଅଛି ଅନନ୍ତ ପ୍ରତିଭା
କର ତାରେ ନୀରଜନ ॥

*ଆଳି, କେନ୍ଦ୍ରାପଡା*

୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

Bhubaneswar Sunday November 24 ଭୁବନେଶ୍ୱର ରବି, ନଭେମ୍ବର ୨୪,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ମାନସୀପ୍ରଭା ସ୍ୱାଇଁଙ୍କ 'ଦୈବକନ୍ୟା' ଉନ୍ମୋଚନ

ଜଗତସିଂହପୁର,(ପି.ଏନ),ତ୍ରିର୍ତ୍ତୋଲ ସ୍ଥିତ ଗୋପିଆକୁଦ ମହାନଦୀ ପଠାରେ ଅନୁଷ୍ଠିତ ଚେଳିତୋଳ ବାଲିଯାତ୍ରା ମହୋତ୍ସବ ସାରସ୍ୱତ ମଞ୍ଚରେ ଝଙ୍କଡ଼ ସାହିତ୍ୟ ସଂସଦ ପ୍ରାୟୋଜିତ ରାଜ୍ୟସ୍ତରୀୟ କବିତା ପାଠ ଉତ୍ସବର ମାହେନ୍ଦ୍ର ମୁହୂର୍ତ୍ତରେ କବୟିତ୍ରୀ ମାନସୀ ପ୍ରଭା ସ୍ୱାଇଁଙ୍କ କବିତା ସଂକଳନ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି. ଅନୁଷ୍ଠାନର ସଭାପତି ମହେନ୍ଦ୍ର କୁମାର ଆଚାର୍ଯ୍ୟଙ୍କ ପୌରାହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଅତିଥି ଭାବେ ପ୍ରାଧାପିକା ଡ଼ଃ. ବିଷ୍ଣୁପ୍ରିୟା ଦାସ, ପୂର୍ବତନ ପ୍ରଶାସନିକ ଅଧିକାରୀ ସୁରେଶ ଚ଼ନ୍ଦ୍ର ମହାନ୍ତି, ଡ଼ଃ. ଆରତୀ ତ୍ରିପାଠୀ, ଡ଼ଃ. ବସନ୍ତ ମଞ୍ଜରୀ



ମହାନ୍ତି, ଅଧାପକ ରାଜଶ୍ରୀ ସ୍ୱାଇଁ ଓ ସମ୍ପାଦକ ଝଙ୍କଡର ଗୋଲୋକ ବିହାରୀ ପଲାଇଙ୍କ ଉପସ୍ଥିତରେ ପୁସ୍ତକ ଦୈବକନ୍ୟା ଉନ୍ମୋଚିତ ହୋଇ କବୟିତ୍ରୀ ପଦ୍ମାବତୀ ମିଶ୍ରଙ୍କ ଦ୍ୱାରା ସମୀକ୍ଷା କରାଯାଇଥିଲା। ଶ୍ରୀମତୀ ସ୍ୱାଇଁଙ୍କର କବିତା ସଂକଳନ 'ମାନସୀ କନ୍ୟା' ପରେ ଏହା ହେଉଛି ତାଙ୍କର ଦ୍ୱିତୀୟ କବିତା ସଂକଳନ. ଅନ୍ୟ ମାନଙ୍କ ମଧ୍ୟରେ ପଣ୍ଡିତ ବାସବ କୁମାର ନନ୍ଦ, ସବିତା ନାୟକ, ଦିଗମ୍ବର ରାଉତ, ଅଶୋକ ଲେଙ୍କା, ଝୁଲରାମ ଦାସ, ନିତ୍ୟାନନ୍ଦ ନାୟକ, ଅନ୍ନପୂର୍ଣ୍ଣା ତ୍ରିପାଠୀ, ଅଞ୍ଜନା ମହାନ୍ତି, ପ୍ରତିଭା ମିଶ୍ର, ଜୟନ୍ତୀ ଦାସ ଓ ପ୍ରଭାତ ପରିଡା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

## ପାରାଦୀପ ବନ୍ଦରକୁ ୧୧ତମ ସମୁଦ୍ର ମନ୍ଥନ ପୁରସ୍କାର

ପାରାଦୀପ,(ପି.ଏନ), ଭାରତ ବର୍ଷରେ ପଣ୍ୟ କାରବାର କ୍ଷେତ୍ରରେ ଏକ ନମ୍ବର ସ୍ଥାନ ଅଧୁକାର କରି ଆସୁଥିବା ପାରାଦୀପ ବନ୍ଦରକୁ ଚଳିତ ବର୍ଷ ପାଇଁ୧୧ତମ ଆର୍ନ୍ତଜାତୀୟ ସମୁଦ୍ର ମନ୍ଥନ ପୁରସ୍କାର ପ୍ରଦାନ କରାଯାଇଛି। ରବିବାର ଦିନ ମୁମ୍ବାଇସ୍ଥିତ ଜିଓ ଓାଲର୍ଡ କନଭେନସନ୍ ସେଣ୍ଟର, ବିକେସି ଠାରେ ଅନୁଷ୍ଠିତ ଏକ ଭବ୍ୟ ସମାରୋହରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ପାରାଦୀପ ବନ୍ଦରକୁ ପୂର୍ବ ଭାରତର ଶ୍ରେଷ୍ଠ ବନ୍ଦର ଭାବେ ବିଚାରକମାନେ ବିବେଚନା କରିଛନ୍ତି। ମୁମ୍ବାଇଠାରେ ଅନୁଷ୍ଠିତ ଏହି ଭବ୍ୟ ସମାରୋହରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ଏହି ସମ୍ମାନଜନକ ପୁରସ୍କାର ଗ୍ରହଣ କରିଛନ୍ତି। ପାରାଦୀପ ବନ୍ଦର ଟିମ୍‌ର ଅବଦାନକୁ ସମସ୍ତ ଶ୍ରେୟ ଦେଇଛନ୍ତି। ସେମାନଙ୍କ ନିଷ୍ଠାପର କାର୍ଯ୍ୟ, କଠିନ ପରିଶ୍ରମ ଯୋଗୁଁ ପାରାଦୀପ ବନ୍ଦର ଏହି ପୁରସ୍କାରର ହକଦାର୍ ହୋଇଛି। ଆଗାମୀ ଦିନରେ ପାରାଦୀପ ବନ୍ଦର ତାର ଶ୍ରେଷ୍ଠତ୍ୱ ବଜାୟ ରଖିବା ପାଇଁ ଏହି ପୁରସ୍କାର ପ୍ରେରଣା ଦେବ ବୋଲି କହିଛନ୍ତି ପାରାଦୀପ ବନ୍ଦର ଅଧ୍ୟକ୍ଷ ଶ୍ରୀ ହରନାଦ। ଆଗାମୀ ମାସରେ ପଣ୍ୟ କାରବାର କ୍ଷେତ୍ରରେ ୧୦୦ଏମଏମଟି ପଣ୍ୟ କାରବାର କରିବାର ଲକ୍ଷ୍ୟ ଅତିକ୍ରମ କରିବ। ଚଳିତ ଆର୍ଥିକ ବର୍ଷର ଧାର୍ଯ୍ୟ ସମୟ ପୂର୍ବରୁ ଏହି ଲକ୍ଷ୍ୟ ହାସଲ ହେବା ସହିତ ଭିତ୍ତିଭୂମିର ବିକାଶ,ପଣ୍ୟ କାରବାର କ୍ଷମତା ବୃଦ୍ଧି ଦିଗରେ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ଉଦ୍ୟମ ଜାରୀ ରଖିଛନ୍ତି ବୋଲି ଅଧ୍ୟକ୍ଷ ଶ୍ରୀ ହରନାଦ କହିଛନ୍ତି।




## ଜୁନାଗଡ ବିଧାନସଭା ମଣ୍ଡଳୀ ବିକାଶ କମିଟି ବୈଠକ

ଧର୍ମଗଡ଼,(ପି.ଏନ): ଗତକାଲି ଜୁନାଗଡ ବିଧାନସଭା ମଣ୍ଡଳୀ ବିକାଶ କମିଟି ବୈଠକ ଆଜି ଜ଼ିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଶାଖାର ସଭାଗୃହ ଠାରେ ମାନ୍ୟବର ବିଧାୟକ, ଜୁନାଗଡ କ୍ୟାପ୍‌ଟେନ ଦିବ୍ୟ ଶଙ୍କର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ଓ ବୈଠକରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ଅନୁସୂଚ଼ିତ ଜନଜାତି ଏବଂ ଅନୁସୂଚ଼ିତ ଜାତି ହଷ୍ଟେଲ ସୁବ୍ୟବସ୍ଥା, ସ୍ୱୟଂ ସହାୟକ ଗୋଷ୍ଠିକୁ ଆର୍ଥିକ ସହାୟତା ପ୍ରଦାନ, ଖାଦ୍ୟ ସୁରକ୍ଷା, ସହର ଏବଂ ଗ୍ରାମ୍ୟ ସ୍ୱଚ଼୍ଛତା ଏବଂ ଅନ୍ୟାନ୍ୟ ଉନ୍ନୟନ ମୂଳକ କାର୍ଯ୍ୟ, ଖଣି ସମସ୍ୟା ଓ ଶ୍ରମିକ ସମସ୍ୟା, ଗମନା ଗମନ, ସାମାଜିକ ସୁରକ୍ଷା, ପଶୁପାଳନ, କୃଷି,ମତ୍ସ୍ୟ, ଜଳ ସେଚ଼ନ, ଧାନ କ୍ରୟ ବିକ୍ରୟର ସୁବ୍ୟସ୍ଥା ଉପରେ ଆଲୋଚ଼ନା କରା ଯାଇଥିଲା କ୍ଷ ଜୁନାଗଡ ବିଧାନସଭା ମଣ୍ଡଳୀରେ ଅନେକ କ୍ଷେତ୍ରରେ ଉନ୍ନତି ଓ ବିକାଶ ହୋଇପାରିଛି ଏହା ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କ ସହଯୋଗ ଓ କର୍ତ୍ତବ୍ୟ ନିଷ୍ଠା ପାଇଁ ସମ୍ଭବ ହୋଇପାରିଛି ବୋଲି ମାନ୍ୟବର ବିଧାୟକ ଉଲ୍ଲେଖ କରିଥିଲେ।ଜୁନାଗଡ ବିଧାନସଭା ମଣ୍ଡଳୀର ସର୍ବାଙ୍ଗୀନ ଉନ୍ନତି



ଓ ବିକାଶ ନିମନ୍ତେ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଆହୁରି ଅଧିକ ଯତ୍ନବାନ୍ ହୋଇ କାର୍ଯ୍ୟକରିବା ସହିତ ବିଶେଷକରି ଅନୁସୂଚ଼ିତ ଜାତି ଓ ଜନଜାତି ବର୍ଗର ଉନ୍ନତି ଓ ବିକାଶ ପାଇଁ ରହିଥିବା ତାଙ୍କର ସମସ୍ୟାର ସମାଧାନ ପାଇଁ ଅତ୍ୟନ୍ତ ସମ୍ବେଦନଶୀଳ ହୋଇ କାର୍ଯ୍ୟ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ମାନ୍ୟବର ବିଧାୟକ ଶ୍ରୀ ମିଶ୍ର ପରାମର୍ଶ ଦେଇଥିଲେ।ବିଶେଷ କରି ବିକାଶ ମୂଳକ କାର୍ଯ୍ୟରେ ବିଭାଗୀୟ ଆଧିକାରୀ ମାନେ ବିଶେଷ ଗୁରୁତ୍ୱ ଦେବାକୁ ମାନ୍ୟବର ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ଶ୍ରୀଯୁକ୍ତ ପାଓ୍ୱାର ସଚ଼ିନ ପ୍ରକାଶ, ଜ଼ିଲ୍ଲାପାଳ,କଳାହାଣ୍ଡି, ଶ୍ରୀଯୁକ୍ତ ଦୟାମୟ ପାଢ଼ୀ, ମୁଖ୍ୟ ଉନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧକାରୀ, ଜ଼ିଲ୍ଲା ପରିଷଦ, ଶ୍ରୀଯୁକ୍ତ ଶ୍ରୀକାନ୍ତ ଦଳେଇ, ଉପ ନିର୍ଦ୍ଦେଶକ, ଜ଼ିଲ୍ଲା ଯୋଜନା ଓ ସମନ୍ୱୟ କାର୍ଯ୍ୟାଳୟ ଙ୍କ ସମେତ ସମସ୍ତ ଜ଼ିଲ୍ଲା ସ୍ତରୀୟ ପଦାଧିକାରୀ, ବ୍ଲକ ଉନ୍ନୟନ ଅଧକାରୀ, ତହସିଲଦାର, ଜୁନାଗଡ ଏବଂ ଗୋଲାମୁଣ୍ଡା, କାର୍ଯ୍ୟ ନିର୍ବାହୀ ଅଧିକାରୀ ଏନ ଏ ସି, ଜୁନାଗଡ, ଉପସ୍ଥିତ ଥିଲେ। ଶେଷରେ ଉପ ନିର୍ଦ୍ଦେଶକ ଜିଲ୍ଲା ଯୋଜନା ଓ ସମନ୍ୱୟ ବିଭାଗ ଶ୍ରୀ ଦଳେଇ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରକାଶ ତ୍ରିପାଠୀଙ୍କ ସଂଘରେ ସାମିଲ ହେଲେ ପିପିଏଲର ୭ ଶହରୁ ଉର୍ଦ୍ଧ୍ୱ ଶ୍ରମିକ

ପାରାଦୀପ,(ପି.ଏନ): ପିପିଏଲ ସାର କାରଖାନାରେ କାର୍ଯ୍ୟ କରୁଥିବା ୭ ଶହ ରୁ ଉର୍ଦ୍ଧ୍ୱ ଠିକା ଶ୍ରମିକ ପ୍ରକାଶ ତ୍ରିପାଠୀଙ୍କ ନେତୃତ୍ୱାଧୀନ ପୂର୍ବ ଉପକୂଳ ଶ୍ରମିକ ସଂଘରେ ସାମିଲ ହୋଇଛନ୍ତି । ଏହି ପରିପ୍ରେକ୍ଷୀରେ ଶୁକ୍ରବାର ସନ୍ଧ୍ୟାରେ ପିପିଏଲ ହନୁମାନ ମନ୍ଦିର ନିକଟସ୍ଥ ପଡିଆରେ ଆୟୋଜିତ ଏକ ଶ୍ରମିକ ସାଧାରଣ ସଭାରେ ଚ଼ର୍ଚ୍ଚିତ ଶ୍ରମିକ ନେତା ତଥା ପୂର୍ବ ଉପକୂଳ ଶ୍ରମିକ ସଙ୍ଘ ର ସଭାପତି ପ୍ରକାଶ ତ୍ରିପାଠୀ ଯୋଗଦେଇ ଶ୍ରମିକ ମାନଙ୍କ ବହୁବିଧ ସମସ୍ୟା ଉପରେ ଆଲୋକପାତ କରି ଏହାର ଆସୁ ସମାଧାନ ନିମନ୍ତେ ପ୍ରତିଶୃତି ଦେଇଥିଲେ। ସଭା ପ୍ରାରମ୍ଭରେ ପିପିଏଲ ରେଳ ଫାଟକ ନିକଟରୁ ଏକ ବିରାଟ ମଟର ସାଇକେଲ ଶୋଭାଯାତ୍ରା ରେ ଶ୍ରମିକ ନେତା ଶ୍ରୀ ତ୍ରିପାଠୀଙ୍କୁ ସଂଘର କର୍ମକର୍ତ୍ତା ଓ ସଦସ୍ୟ ମାନେ ସଭା ସ୍ଥଳ ନିକଟକୁ ପାଛୋଟି ନେଇଥିଲେ । ଏହି ସଭା କାର୍ଯ୍ୟକୁ ସଂଘର ସାଧାରଣ ସମ୍ପାଦକ ଅଭିମନ୍ୟୁ




ବେହେରା ପରିଚ଼ାଳନା କରିଥିବା ବେଳେ ସଂଘର ଉପଦେଷ୍ଟା ସର୍ବେଶ୍ୱର ବଳିୟାରସିଂ, ସଂଘର କାର୍ଯ୍ୟକାରୀ ସଭାପତି ସୁବ୍ରତ ପ୍ରଧାନ, ସହ ସମ୍ପାଦକ ରତ୍ନାକର ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶ୍ରମିକଙ୍କ ମୌଳିକ ସମସ୍ୟା ଓ ଏହାର ନିରାକରଣ ସମ୍ପର୍କରେ ନିଜର ବକ୍ତବ୍ୟ ରଖିବା ସହିତ ସମସ୍ତ ଶ୍ରମିକଙ୍କୁ ଧୈର୍ଯ୍ୟ, ଶୃଙ୍ଖଳିତ ରହିବାର ଗୁରୁମନ୍ତ୍ର ଦେଇଥିଲେ। ଏହି ସମାବେଶରେ ବହୁ ଶ୍ରମିକ ଯୋଗ ଦେଇଥିଲେ । ଏହି ଅବସରରେ ପ୍ରକାଶ ତ୍ରିପାଠୀ କହିଥିଲେ ଯେ ପିପିଏଲ ର ଶ୍ରମିକ ମାନେ ସବୁବେଳେ ସଙ୍ଘ ଓ ନେତା ବାରମ୍ବାର ବଦଳାଉଥିବାରୁ ପିପିଏଲ ରେ କାର୍ଯ୍ୟରତ ଶ୍ରମିକ ମାନଙ୍କର ଉନ୍ନତି ହୋଇପାରୁନାହିଁ କ୍ଷ ଯାହାକି ଇଫକୋ ସରଖାନାର ଶ୍ରମିକ ମାନେ ଆରମ୍ଭରୁ ଗୋଟିଏ ୟୁନିୟନ ରେ ରହି ୬୫ ହଜାର ଟଙ୍କା ଦରମା ପାଉଥିଲା ବେଳେ ସମାନ କାମ କରି ପିପିଏଲ ଶ୍ରମିକଟି ୨୦ ହଜାର ଟଙ୍କା ବି ପାଇପାରୁନାହିଁ । ଏଥିପାଇଁ ଶ୍ରୀ ତ୍ରିପାଠୀ ପିପିଏଲ ର ସମସ୍ତ ଶ୍ରମିକ ମାନଙ୍କୁ ଦାୟୀ କରିବା ସହିତ ଆଗାମୀ ଦିନରେ ସମସ୍ତ ପିପିଏଲ ର ଶ୍ରମିକ ମାନଙ୍କୁ ଏକଜୁଟ ହୋଇ ଗୋଟିଏ ଶ୍ରମିକ ସଙ୍ଘ ରେ ରହିଲେ ଆଗାମୀ ୫ ବର୍ଷ ଭିତରେ ଶ୍ରମିକଙ୍କ ଭାଗ୍ୟ ନିଶ୍ଚିତ ବଦଳିଯିବ ବୋଲି ଶ୍ରମିକ ମାନଙ୍କୁ ଆହ୍ୱାନ ଦେଇଥିଲେ।

## ଦିଲ୍ଲୀବାସୀଙ୍କ ମନ ଜିଣୁଛି ଓଡ଼ିଶାର ଲୋକନୃତ୍ୟ ଓ ହସ୍ତକଳା

ନୂଆଦିଲ୍ଲୀ,(ପି.ଏନ): 'ଭାରତର ଗର୍ବ ଓଡ଼ିଶା ପର୍ବ'ର ଦ୍ୱିତୀୟ ଦିନ ଦିଲ୍ଲୀ ହୃଦୟକୁ କରିଥିଲା ଆହ୍ଲାଦିତ। ପରମ୍ପରା ଓ ନବସୃଜନର ଚମତ୍କାର ମିଶ୍ରଣ ସହିତ ଏହି କାର୍ଯ୍ୟକ୍ରମ ଓଡ଼ିଶାର ସମୃଦ୍ଧ କଳା, ସଂସ୍କୃତି ଏବଂ ଐତିହ୍ୟକୁ ପାଳନ କରିଥିଲା ଭିନ୍ନ ଅନ୍ଦାଜରେ। ଚଟଚଟା ଖାଦ୍ୟ ସାଙ୍ଗକୁ ଓଡ଼ିଶାର ଅନନ୍ୟ କଳାକୃତିର ମଜା ଉଠାଇଥିଲେ ଦିଲ୍ଲୀବାସୀ। ଓଡ଼ିଶାର ସମୃଦ୍ଧ ଐତିହ୍ୟ ଏବଂ ବିଶ୍ୱ ମଧ୍ୟରେ ସେତୁ ଭଳି କାମ କରିଥିବା ଏହି ସାଂସ୍କୃତିକ ମହୋତ୍ସବର ଦ୍ୱିତୀୟ ଦିନରେ ଶ୍ରୀଯୁକ୍ତ ଟଙ୍କଧର ତ୍ରିପାଠୀ, ମାନ୍ୟବର ବିଧାୟକ-ଝାରସୁଗୁଡ଼ା, ଶ୍ରୀ ସୟ କୁମାର, ସଚିବ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରଣାଳୟ, ଶ୍ରୀ ଚାମୁ କ୍ରିଷ୍ଣ ଶାସ୍ତ୍ରୀ, ବିଶିଷ୍ଟ ସଂସ୍କୃତ ଶିକ୍ଷାବିତ, ଶ୍ରୀ ଅରୁନିଶ ଚାୱଲା, ସଚିବ, ସଂସ୍କୃତି ମନ୍ତ୍ରଣାଳୟ ଏବଂ ସିଦ୍ଧାର୍ଥ ପ୍ରଧାନ, ସଭାପତି, ଓଡ଼ିଆ ସମାଜ, ଦ୍ୱିତୀୟ ଦିନରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଓଡ଼ିଶା ପର୍ବର ଦ୍ୱିତୀୟ ସନ୍ଧ୍ୟାରେ ପ୍ରସିଦ୍ଧ ଛଉ ନୃତ୍ୟଶିଳ୍ପୀ ଗୁରୁ ସୁଦର୍ଶନ ସାହୁ ଏବଂ ଗ୍ରୁପ ଦ୍ୱାରା ପ୍ରସ୍ତୁତ ଓଡ଼ିଶୀ ଓ ଛଉ ନୃତ୍ୟର ଫ୍ୟୁଜନ୍ 'ନୃତ୍ୟ ବେଦା'' ର ତାଳେ ତାଳେ ଦୁଲୁକି ଉଠିଥିଲା ମଞ୍ଚ। ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପ୍ରସିଦ୍ଧି ଲାଭ କରିଥିବା ଓଡ଼ିଶା ମାଟିର ବୀରତ୍ୱକୁ ପ୍ରଦର୍ଶନ କରୁଥିବା ସମୃଦ୍ଧ ସମରକଳା 'ଫେଟ୍ ଫାଇଟରର୍ସ' ଦ୍ୱାରା ପ୍ରସ୍ତୁତ 'ମାଲଖମ୍ବ' ଦର୍ଶକଙ୍କୁ ବାନ୍ଧି ରଖିବାରେ ହୋଇଥିଲା ସଫଳ। ଏହି ସଫଳତାକୁ ଦ୍ୱିଗୁଣିତ କରିଥିଲା ପଶ୍ଚିମ ଓଡ଼ିଶାର ସମ୍ବଲପୁରୀ ଓ ଲୋକନୃତ୍ୟ 'ସଂସ୍କୃତି ଧାରା'। କୋଶଳ ଫୋକ୍ ଏକାଡେମୀ ଦ୍ୱାରା ପ୍ରସ୍ତୁତ 'ଘୁଡ୍‌କା' ନୃତ୍ୟ ଏବଂ ସମ୍ବଲପୁରୀ ର୍‌ୟାପର୍ ପ୍ରୟାସ ବହିଦାର୍‌ଙ୍କ ଧମାକାପୂର୍ଣ୍ଣ ଆଧୁନିକ ସଙ୍ଗୀତ ପରିବେଷଣ ଦର୍ଶକଙ୍କ ହୃଦୟକୁ ସଂସ୍କୃତିର ସେତୁରେ ଯୋଡ଼ିଥିଲା। 'ଆରାଧନା' ନୃତ୍ୟ ଏକାଡେମୀ ପକ୍ଷରୁ ପ୍ରସ୍ତୁତ ଗୋଟିପୁଅ ନୃତ୍ୟ ଉତ୍ସବ ଓଡ଼ିଶାର ସଂସ୍କୃତିକୁ କରିଥିଲା ମହିମା ମଣ୍ଡିତ। ଲୋକପ୍ରିୟ ଓଡ଼ିଆ କଣ୍ଠଶିଳ୍ପୀ ଦିପ୍ତୀରେଖା ପାଢୀ, ବର୍ଣ୍ଣାଳୀ ହୋତା ଏବଂ ଅଭିଜିତ୍ ମିଶ୍ରଙ୍କ ରୋମାଣ୍ଟିକ ଅନ୍ଦାଜ ଦର୍ଶକଙ୍କ ମନରେ ଅନନ୍ୟ ଅନୁଭୂତିର ଛାପ ଛାଡ଼ିଥିଲା । ଓଡ଼ିଶା ପର୍ବରେ ଲାଗିଥିବା ୨୫ଟି ହସ୍ତକଳା ଓ ହସ୍ତତନ୍ତ ଷ୍ଟଲ ଦିଲ୍ଲୀରେ ଥିବା ଓଡ଼ିଆ, ଅଣଓଡ଼ିଆଙ୍କୁ ଆକୃଷ୍ଟ କରିବାରେ ସଫଳ ହୋଇଥିଲା। ସମ୍ବଲପୁରୀ ଶାଢୀ ଷ୍ଟଲରେ ଦିଲ୍ଲୀବାସୀ ଭିଡ଼ ଜମାଇଥିବା ବେଳେ ଆଖିଦୃଶିଆ ବ୍ୟବସାୟ ହୋଇଛି ବୋଲି କହିଛନ୍ତି କିଛି ଶାଢୀ ବ୍ୟବସାୟୀ । ନବରଙ୍ଗପୁର କୋଷାଗୁମୁଡ଼ା ବ୍ଲକରୁ ଆସିଥିବା ଧାନରେ ନିର୍ମିତ କଳାକୃତିକୁ କିଣିବା ପାଇଁ ଦର୍ଶକଙ୍କ ମଧ୍ୟରେ ଅଭୁତପୂର୍ବ ଉତ୍ସାହ ଦେଖିବାକୁ ମିଳିଥିଲା। ଧାନକୁ ସୂତାରେ ଗୁନ୍ଥି ସୂକ୍ଷ୍ମ କାରିଗରୀରେ ଗଣେଷ, ସରସ୍ୱତୀ, ଜଗନ୍ନାଥ, ଲକ୍ଷ୍ମୀ, ରାମ ଆଦି ବିଭିନ୍ନ ଦେବାଦେବୀଙ୍କ ମୂର୍ତ୍ତି ପ୍ରସ୍ତୁତ କରୁଥିବା ବେଳେ ଏହାକୁ ଶେଷ କରିବା ପାଇଁ ପ୍ରାୟ ୧ ସପ୍ତାହ ସମୟ ଲାଗିଥାଏ ବୋଲି କହିଛନ୍ତି ପ୍ୟାଡିକ୍ରାଫ୍ଟ କାରିଗର । ଏହାବ୍ୟତୀତ ସବାଇଘାସରେ ନିର୍ମିତ ବ୍ୟାଗ୍, ଆସନ, ପାଛିଆ ବିକ୍ରି ହେଉଥିବା ଷ୍ଟଲରେ ମଧ ବେଶ୍ ଭିଡ଼ ଜମିଥିଲା । ରଘୁରାଜପୁରରୁ ଯାଇଥିବା ପଟ୍ଟଚିତ୍ର କଳାକୃତିରେ ମଧ ଓଡ଼ିଶୀ ସଂସ୍କୃତିର ଝଲକ ଦେଖିବାକୁ ମିଳିଥିଲା। ଦ୍ୱିତୀୟ ଦିନ ଓଡ଼ିଶା ସାରସ୍ୱତ ସମାରୋହର ଅଧିବେଶନରେ ଡଃ ପ୍ରତିଭା ରାୟ, ପ୍ରଫେସର ବସନ୍ତ କୁମାର ପଣ୍ଡା, ପ୍ରଫେସର ଦମୟନ୍ତୀ ବେସ୍‌ରା, ରମ୍‌ଜିତ୍ ଟୁଡୁ, ଡଃ ରୁଦ୍ରାଣୀ ମହାନ୍ତି, ଡଃ ରାଜେନ୍ଦ୍ର ପାଢୀ, ପାରମିତା ଶତପଥି ପ୍ରମୁଖ ଯୋଗ ଦେଇ 'ଭାଷା, ସାହିତ୍ୟ, ମାତୃଭାଷା ଓ ନୂତନ ଶିକ୍ଷାନୀତି' ସମ୍ପର୍କରେ ଆଲୋଚନା ଭାଗ ନେଇଥିଲେ। ଏତଦ୍‌ବ୍ୟତୀତ ଓଡ଼ିଶାରୁ ଯାଇଥିବା ଇନ୍‌ଫ୍ଲୁଏନ୍ସରମାନଙ୍କର ଏକ ଅଧିବେଶନ ମଧ ଆୟୋଜନ କରାଯାଇଥିଲା।




Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751<0 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray